

ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ

## ସଂକ୍ଷେପରେ



### ସିଆରପିଏଫ କ୍ୟାମ୍ପରେ ୫ ହଜାର ଟଙ୍କାରେ ଲଡୁ ନିଲାମ

**ନାକଟିଦେଉଳ,୧୪।୯(ଡି.ଏନ.ଏ.)-** ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସଦର ମହକୁମାଠାରୁ ପ୍ରାୟ ୧୫ କି.ମି. ଦୂର ଟୁହିଲାମାଳ ସ୍ଥିତ ଡି/୧୨ ବାଟାଲିୟନ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତ୍ରିଲୋଚନ ବେହେରାଙ୍କ ଉପସ୍ଥିତିରେ ଗଣେଶଙ୍କ ଲଡୁ ନିଲାମ ହୋଇଛି। ବାଟାଲିୟନର ସମସ୍ତ ଯବାନ ଏଥିରେ ସାମିଲ ହୋଇଥିବାବେଳେ କନଷ୍ଟେବଲ ଏସ. ମଣିକାନ୍ତ ୫ ହଜାର ୧ଟଙ୍କାରେ ନିଲାମରେ ନେଇଥିଲେ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ରେଢ଼ାଖୋଲ୧୪।୯(ଡି.ଏନ.ଏ.)-** ରେଢ଼ାଖୋଲରେ ଗଡଜାତ ଅମଳରୁ ଅନୁଷ୍ଠିତ ହୋଇ ଆସୁଥିବା ସାର୍ବଜନୀନ ଦୁର୍ଗାପୂଜା ପାଇଁ ଟାଉନ କ୍ଲବଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ପ୍ରଦୀପ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟମାନେ ଯୋଗଦେଇ ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ମତାମତ ଦେଇଥିଲେ। ବୈଠକରେ ସମ୍ପାଦକ ଗୌରଚନ୍ଦ୍ର ପ୍ରଧାନ ଚଳିତ ବର୍ଷର ବ୍ୟୟ ଅଟକଳ ଉପରେ ସୂଚନା ଦେଇ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି କହିଥିଲେ। ଏନଏସି ଉପାଧକ୍ଷ ସୁନୀଲ ପ୍ରଧାନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ଚିନ୍ମୟ ପଣ୍ଡା, ବିଶ୍ୱଜିତ ପଣ୍ଡା, ପୁଲିନ ଗିରି, ରାଜୀବ ଲୋଚନ ପ୍ରଧାନ, ସିଦ୍ଧାର୍ଥ ପ୍ରଧାନ, ଶୁଭଦୀପ୍ତ ଦେହୁରୀ, ଦତ୍ତତ୍ରେୟ ବିଶ୍ୱାଳ, କୁଞ୍ଜ ନନ୍ଦ, ବାସୁଦେବ ପୃଷ୍ଠେଠ, ସୁଧାଂଶୁ ଅମାତଙ୍କ ସମେତ କମିଟିର ସଭ୍ୟମାନେ ଯୋଗଦେଇ ଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରେଢ଼ାଖୋଲ, ୧୪।୯ (ଡି.ଏନ.ଏ)-** ରେଢ଼ାଖୋଲ ବ୍ଲକ ଟାଲ ୟୁଜିୟୁପି ସ୍କୁଲର ଶିକ୍ଷକ କନ୍ଦର୍ପ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବଡବାହାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ସାହୁ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନିରଞ୍ଜନ ସାହୁ ମୁଖ୍ୟଅତିଥି, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାକୁଡ ସମ୍ମାନିତ ଅତିଥି, ଭାରପ୍ରାପ୍ତ ବିଇଓ ଦେବରାଜ ପ୍ରଧାନ, ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ଅବସର ନେଇଥିବା ଶିକ୍ଷକ ନିରଞ୍ଜନ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଶିକ୍ଷକ ଆଲେକ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପଦ୍ମରାଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଦେବଗଡ଼ ଗଣେଶ ପୂଜାର ୨ୟ ଦିନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ଦେବଗଡ଼ ଗଣେଶ ପୂଜାର ଦ୍ୱିତୀୟ ଦିନ

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେବଗଡ଼,୧୪।୯(ସ୍ୱ.ପ୍ର.)**

ଦେବଗଡ଼ ପ୍ରସିଦ୍ଧ ଗଣେଶ ପୂଜା ଉତ୍ସବର ଶୁକ୍ରବାର ଦ୍ୱିତୀୟ ଦିନରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଗଣେଶଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟପକ୍ଷେ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ସମ୍ବଲପୁରୀ ଅର୍କେଷ୍ଟ୍ରା, ରାଜବାଟୀସ୍ଥିତ ସଭାଗୋଲି ପରିସରରେ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ୱାଟର ବୋଟିଂ ସିଷ୍ଟମ୍ ସାଙ୍ଗକୁ ବିଭିନ୍ନ ସ୍ଥାନରେ ପଡିଥିବା ଦୋଳିଖେଳ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିପରି ସୁଦୃଶ୍ୟ ଆଲୋକମାଳାରେ ସହର ଝଲସି ଉଠୁଥିବା ବେଳେ ସୁଉଚ୍ଚ ତୋରଣ, ବିଦ୍ୟୁତ୍ ସାଜସଜ୍ଜା ଓ ପୂଜାମଣ୍ଡପ ଚତୁଃପାର୍ଶ୍ୱରେ ସ୍ଥାପନ କରାଯାଇଥିବା ପୌରାଣିକ ଏବଂ ସାମାଜିକ କଳାକୁଞ୍ଜ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଶନିବାରଠାରୁ ୭ଦିନ ପର୍ଯ୍ୟନ୍ତ ଭକ୍ତମାନଙ୍କ ପାଇଁ ମାଗଣାରେ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ପୂଜା ଅବସରରେ ସ୍ଥାନୀୟ ରାଜବାଟି ପଡିଆରେ ତ୍ରିନାଥ ଟିକଟ ଶୋ ଅପେରାର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ସଭାଗୋଲିଠାରେ ପଡିଥିବା ସୁପରମାର୍କେଟ, ସରକାରୀ ବସ୍‌ଷ୍ଟାଣ୍ଡ ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ମୀନାବଜାର ଷ୍ଟଲ୍‌ରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଯାତାୟତ ତଥା ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ସହରର ବିଭିନ୍ନ ଛକମାନଙ୍କରେ ସୁବ୍ୟବସ୍ଥିତ ଟ୍ରାଫିକ ଓ ପାର୍କିଂ ସୁବିଧା କରାଯାଇଛି। ପୂଜା ଆୟୋଜନରେ କମିଟିର ସଭାପତି ଧର୍ମେନ୍ଦ୍ର କୁମାର ଦେବତା, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ମିଡିଆ ସେଲର ମୋତିଲାଲ ଶର୍ମା, ସୁଶାନ୍ତ ନନ୍ଦ, ପିଂଟୁ ଦ୍ୱିବେଦୀ, ପିଲୁ ରାଜେଶ ନାୟକଙ୍କ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରୁଛନ୍ତି ।

### ଟ୍ରକ୍ ଚାପାରେ ଯୁବକଙ୍କ ମୃତ୍ୟୁ

**ସମ୍ବଲପୁର, ୧୪।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବସଷ୍ଟାଣ୍ଡ ସମ୍ମୁଖରେ ବସ୍ ଚାପାରେ ଯୋଗେନ୍ଦ୍ର ମାଝି (୨୭) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ କଟରଧୁଆର ବୋଲି ଜଣାପଡିଛି । ପୋଲିସ ଏ ନେଇ ୩୫୫/୨୦୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଯୋଗେନ୍ଦ୍ର ବାଇକ (ଓଡି ୧୫କେ ୦୩୯୭) ଯୋଗେ ବରେଇପାଲି ପଟୁ ଅଇଁଠାପାଲି ଆସୁଥିଲେ। ସେହି ସମୟରେ ବରେଇପାଲି ପଟକୁ ଯାଉଥିବା ଟ୍ରକ (ଓଡି୧୯ଏମ ୨୮୬୪)ଟି ବସଷ୍ଟାଣ୍ଡ ସମ୍ମୁଖରେ ତାଙ୍କ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା । କିଛି ସମୟ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରାଯାଇଛି ।

### କୂଅରେ ପଡ଼ି ଶିଶୁ ମୃତ

**କୁଆଁରମୁଣ୍ଡା,୧୪।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଭାଲୁଲତା ଗ୍ରାମର ଜନ୍‌ସନ୍ ଡୁଙ୍ଗଡୁଙ୍ଗଙ୍କ ୩ ବର୍ଷର ପୁଅ ଆଲେକ୍ସ ଗୁରୁବାର ସନ୍ଧ୍ୟାରେ କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଏ ନେଇ ରାଏବୋଗା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୮) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।





କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଦେବଗଡ଼ ଗଣେଶ ପୂଜା ଅସ୍ଥାୟୀ ସାଂସ୍କୃତିକ ପେଣ୍ଡାଲର ଉଦ୍‌ଘାଟନ କରୁଛନ୍ତି।

■ ଦେବଗଡ଼ ଗଣେଶ ପୂଜା

# ଅସ୍ଥାୟୀ ସାଂସ୍କୃତିକ ପେଣ୍ଡାଲ ଉଦ୍‌ଘାଟିତ

**ଦେବଗଡ଼,୧୪।୯(ସ୍ୱ.ପ୍ର.)**

କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଶୁକ୍ରବାର ଅପରାହ୍ନ ୫ଟାରେ ଦେବଗଡ଼ ଗସ୍ତରେ ଆସି ଦେବଗଡ଼ ଗଣେଶ ପୂଜା ଉତ୍ସବର ଗୋପବନ୍ଧୁ ଛକରେ ନିର୍ମିତ ଅସ୍ଥାୟୀ ସାଂସ୍କୃତିକ ପେଣ୍ଡାଲକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସଭାପତି ଅରୁଣ ସାହୁଙ୍କ ସମେତ ଅନ୍ୟ ଅତିଥିବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ପୂଜା କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ଡେଲି ମାର୍କେଟ ଗଣେଶ ପୂଜା ମଣ୍ଡପରେ ପହଞ୍ଚି ସନ୍ଧ୍ୟା ଆଳତିରେ ସାମିଲ ହୋଇଥିଲେ। ପରେ କେନ୍ଦ୍ର ମନ୍ତ୍ରୀ ଓରାମ କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ପରିଦର୍ଶନ କରି ସଭାପତି ଧର୍ମେନ୍ଦ୍ର କୁମାର ଦେବତା, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ସମେତ କିମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏପରିକି କମିଟି କର୍ମକର୍ତ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ମାନେଶ୍ୱରରେ ନୂଆଁଖାଇ ଭେଟଘାଟ

**ସମ୍ବଲପୁର,୧୪।୯(ବ୍ୟୁରୋ)**

ସମ୍ବଲପୁର ସହର ଉପକଣ୍ଠ ମାନେଶ୍ୱର ମାନଧାତା ବାବା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ନଗେନ୍ଦ୍ର ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ଅଶୋକ ଜଲାନ, ଅରୁଣ ପଟୱାରୀ, ଜ୍ଞାନ ପ୍ରକାଶ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ସୁରଜମଲ କଲେଜର ଅଧ୍ୟାପକ ଡ. ମନୋଜ ପଣ୍ଡା ଯୋଗ ଦେଇଥିଲେ । ଟ୍ରଷ୍ଟ ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଅତିଥିମାନେ ନୂଆଁଖାଇ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ସମ୍ମାନନୀୟ ଅତିଥିମାନଙ୍କୁ ମୁଖ୍ୟ ଅତିଥି ଏମ୍‌ପି ପ୍ରଧାନ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ସମ୍ପାଦକ ସନ୍ତୋଷ ବଡପଣ୍ଡା ବାର୍ଷିକ ବିବରଣୀ ପାଠ କରି ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ସୂଚନା ପ୍ରଦାନ କରିଥିଲେ । ଏମ୍‌ପି ପ୍ରଧାନ ମନ୍ଦିରର ସମସ୍ତ ଉନ୍ନୟନମୂଳକ କାମରେ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅଞ୍ଚଳର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରୀ ଗୀତ ନୃତ୍ୟରେ ଦର୍ଶକମାନେ ମଜା ନେଇଥିଲେ । ପୂର୍ବରୁ ଆୟୋଜିତ ତର୍କ, ବିତର୍କ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦେବାଶିଷ ସାହୁ, ଝସକେତନ ଷଡଙ୍ଗୀ, ସୁପ୍ରୀତି ସାହୁ, ସୀମା ମିଶ୍ର, ରତ୍ନୁରାଜ ସାହୁ, ସଂଗୀତା ବିଶ୍ୱାଳ, ପ୍ରଜ୍ଞା ପରମିତା ନାୟକ, ଅଭିଷେକ ଗୋୟେଲ, ସୁସ୍ମିତା ବାରିକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ରିଆମାଳ ଦୁର୍ଗାପୂଜା ପ୍ରସ୍ତୁତି

**ରିଆମାଳ, ୧୪।୯ (ଡି.ଏନ୍.ଏ.)**

ରିଆମାଳ ଦୁର୍ଗାପୂଜା ମଣ୍ଡପଠାରେ ଚଳିତ ବର୍ଷର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ସତ୍ୟପ୍ରିୟ ଦାଶ, ପ୍ରଣବ କୁମାର ଦେବ, ଯୁଧିଷ୍ଠିର ବିଶ୍ୱାଳ, ଗାନ୍ଧୀଚରଣ ନାୟକ, ଅଜିତ କୁମାର ପ୍ରଧାନ, ଅମୂଲ୍ୟ କୁମାର ସାହୁ, ଟିକେଶ୍ୱର ନନ୍ଦ, ରମାକାନ୍ତ ପ୍ରଧାନ, ମହେଶ୍ୱର ବିଶ୍ୱାଳ, ହରିଶ୍ଚନ୍ଦ୍ର ବିଶ୍ୱାଳ, ନାରାୟଣ ବିଶ୍ୱାଳ ପ୍ରମୁଖଙ୍କୁ ନେଇ ଏକ ନୂଆ କମିଟି ଗଠନ କରାଯାଇଛି।

# ଧୋବଲିପଥରରେ ହିନ୍ଦୀ ଦିବସ

**ଦେବଗଡ଼,୧୪।୯(ସ୍ୱ.ପ୍ର.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଏବଂ ମା' ଦୁଆସୁଣୀ କ୍ଲବର ମିଳିତ ସହଯୋଗରେ ତିଲେଇବଣି ବ୍ଲକ ଅଧୀନ ଧୋବଲିପଥର ଗ୍ରାମରେ ହିନ୍ଦୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କ୍ଲବର ସମ୍ପାଦକ ବିନୋଦ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପ୍ରଧାନ ମୁଖ୍ୟଅତିଥି, ସହକାରୀ ଶିକ୍ଷକ ଅତୁଲ୍ୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଦିବସର ମହତ୍ୱ ଓ ହିନ୍ଦୀ ଭାଷାର ପ୍ରସାର ଏବଂ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ ବିଶ୍ୱାଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ କ୍ଲବର ସଭ୍ୟ ରମଣୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

### ମୂଷାକାନୀ ଗାଁର ଯବାନ ଦଶରଥ ଭୋଇଙ୍କ ମୃତ୍ୟୁ

**ନାକଟୀଦେଉଳ,୧୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ମୂଷାକାନୀ ଗ୍ରାମର ଯବାନ ଦଶରଥ ଭୋଇଙ୍କର ଗୁରୁବାର ସକାଳେ କଲିକତା ସେନା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଆସାମ ରାଇଫଲରେ ନିଯୁକ୍ତ ଦଶରଥ ମଣିପୁରରେ କାର୍ଯ୍ୟରତ ଥିଲେ। ଗତ ୬ ମାସ ପୂର୍ବରୁ ତାଙ୍କ ମସ୍ତିଷ୍କ ଅପରେଶନ କରାଯାଇଥିଲା। ପରେ ସେ ଅସୁସ୍ଥ ହୋଇ ପଡିଥିଲେ। ଗତ ୪ମାସ ହେବ କଲିକତା ଆର୍ମି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ଦେଢବର୍ଷର ଏକମାତ୍ର ଝିଅ ଏବଂ ସ୍ତ୍ରୀ ଅଛନ୍ତି। ଦଶରଥଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



ଅତିଥିଙ୍କ ସହ ଖେଳାଳିମାନେ।

■ ରାଧାକୃଷ୍ଣ ଫୁଟବଲ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପୁଷପଙ୍ଗା ଦଳ ଚାମ୍ପିୟନ

**ବାରକୋଟ,୧୪।୯(ଡି.ଏନ.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅସନ ଗ୍ରାମରେ ୫ ଦିନ ଧରି ଚାଲିଥିବା ରାଧାକୃଷ୍ଣ ଫୁଟବଲ କପ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ନୂଆଁଖାଇ ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ସଭାପତି କନ୍ତାରୁଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ଦେବେନ୍ଦ୍ର ବେହେରା, ଅତିଥି ଭାବେ ବସାଲଇ ସରପଞ୍ଚ ଦିଲୀପ ପଟ୍ଟନାୟକ, ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ, କଣ୍ଢେଇ ସରପଞ୍ଚ ବିରଞ୍ଚି ବେହେରା, ଦଣ୍ଡାସିଂହା ସରପଞ୍ଚ ଅମିତ ଦେହୁରି, କାଇଁଶିବାହାଲ ସରପଞ୍ଚ ଧରଣୀଧର ବେହେରା, ଗୋପୀନାଥ ପ୍ରଧାନ, ଉଗ୍ରେସନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କ୍ରିଡାବିତ୍ ଗୁଣନିଧି ପ୍ରଧାନ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟରେ ୩୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ପୁଷପଙ୍ଗା ଦଳ ୨-୦ ଗୋଲରେ ବିଛଣାପୁର ଦଳକୁ ପରାସ୍ତ କରି ଚାମ୍ପିୟନ ବିବେଚିତ ହୋଇଥିଲା। ପ୍ରକାଶ କୁମାର ସାହୁ, ଧୀରେନ୍ଦ୍ର ବାବୁ, ସୁରେଶ କୁମାର ଦେହୁରି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବ୍ଲକ ସମ୍ପାଦକ ରାଜୀବ ସାହୁ, ବିଜୟ ଦେହୁରି, ବିକି ସାମଲ, ତୀର୍ଥବାସୀ ଦେହୁରି, ପ୍ରହ୍ଲାଦ ଦେହୁରି, ଲିକୁ ସାମଲ, ଜଗଦୀଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଧାରା ବିବରଣୀ ପୌଲସ୍ତି ଗୁରୁ ପ୍ରଦାନ କରିଥିଲେ। ଶେଷରେ କନ୍ତାରୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଧିବାମନ କୃଷକ ସଂଗଠନର ବୈଠକ

■ କେରାଣ୍ଡି ଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କେନାଲ କନ୍ଦରାକୁ ସମ୍ପ୍ରସାରଣ ଦାବି

**ରେଢ଼ାଖୋଲ,୧୪।୯(ଡି.ଏନ.ଏ.)**

ରେଢ଼ାଖୋଲସ୍ଥିତ କେରାଣ୍ଡିଯୋର କ୍ଷୁଦ୍ରଜଳ ସେଚନ ପ୍ରକଳ୍ପର କେନାଲକୁ କନ୍ଦରା ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବାକୁ ଦଧିବାମନ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି। ଶୁକ୍ରବାର କଦଳୀଗଡଠାରେ ଅନୁଷ୍ଠିତ କୃଷକ ସଂଗଠନର ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଅଞ୍ଚଳର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇ ମୁଖ୍ୟତଃ ଚାଷ ଜମିକୁ ଜଳ ସେଚନ ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ଅଣ ଜଳସେଚିତ ଏହି ଅଞ୍ଚଳରେ ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷ କରୁଛନ୍ତି। ହେଲେ ବର୍ଷାର ଅନିୟମିତତା ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀମାନେ ବାରମ୍ବାର ମରୁଡି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ କେରାଣ୍ଡିଯୋର କ୍ଷୁଦ୍ରଜଳ ସେଚନ ପ୍ରକଳ୍ପର ମୁଖ୍ୟ କେନାଲକୁ କନ୍ଦରା ପର୍ଯ୍ୟନ୍ତ ସଂପ୍ରସାରଣ କିମ୍ବା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ଯୋଜନାରେ ଚାଷ ଜମିକୁ ଜଳସେଚନ କରାଯିବା ନେଇ ଚାଷୀମାନେ ଦାବି କରିଛନ୍ତି। ଏଥିସହିତ ଧାନର ସହାୟକ ମୂଲ୍ୟ ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବା, ଚାଷୀମାନଙ୍କ ଉତ୍ପାଦିତ ପନିପରିବା ଓ ଅନ୍ୟ ଫସଲର ସଂରକ୍ଷଣ ପାଇଁ ଏକ ଶୀତଳ ଭଣ୍ଡାର ନିର୍ମାଣ କରାଯିବା, କଦଳୀଗଡ ଓ କୁକୁଡା ବାହାଲି ପଞ୍ଚାୟତରେ ସୋଲାର ପଏଣ୍ଟ ସ୍ଥାପନ ଓ କୃଷି ଋଣ ସଂପୂର୍ଣ୍ଣ ଛାଡ ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ୬ ଦଫା ଦାବି ନେଇ ଉପଜିଲାପାଳଙ୍କୁ ଏକ ଦାବି ପତ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଦଧିବାମନ କୃଷକ ସଂଗଠନର ସଭାପତି ବୃଷକେତୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମାଗୁଣୀ ପ୍ରଧାନ, ପ୍ରଭାସ କୁମାର କର୍ଣ୍ଣ, ଭୁବନେଶ୍ୱର ପ୍ରଧାନ, ସୁଶୀଲ କୁମାର ପ୍ରଧାନ, ରୋହିତ ପ୍ରଧାନ, ପ୍ରଦୀପ ମହାକୁଡ, ଗଗନ ରାଉଳ, ଚକ୍ରଧର ପ୍ରଧାନ, ଜୟ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ହୋତା, ଉପମନ୍ୟୁ ବାଘ, ରମେଶ ପ୍ରଧାନ, ପ୍ରହ୍ଲାଦ ସାହୁ, କନ୍ଦର୍ପ ଲଉରିଆଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଦଳୀଗଡ ପଞ୍ଚାୟତ ଧଉରାଖମଣ ଗ୍ରାମର ଶହୀଦ ଚମ୍ପେଶ୍ୱରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

# ସବୁଠି ନୂଆଁଖାଇର ଝଲକ


ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ନୂଆଁଖାଇ ଅବସରରେ ନବାନ୍ନ ଅର୍ପଣ କରାଯାଉଛି ।


ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହିମୁଣ୍ଡା ପଞ୍ଚାୟତ ଶିରାବାହାଲ ଗ୍ରାମରେ ଲୋକେ ଏକାଠି ନୂଆଁ ଖାଉଛନ୍ତି ।


ବୀରମହାରାଜପୁର ବ୍ଲକ କେନଝରିଆପାଲି ଗାଁର ଜଣେ ଚାଷୀ କ୍ଷେତରେ ପୂଜାର୍ଚ୍ଚନା କରୁଛନ୍ତି ।


ବରଗଡ଼ ଜିଲା ସୋହେଲା ବ୍ଲକ ସରକଣ୍ଡାରେ ସାମୂହିକ ନୂଆଁଖାଇ ଶୋଭାଯାତ୍ରାରେ ଗ୍ରାମବାସୀ ସମଲେଶ୍ୱରୀ ମନ୍ଦିରକୁ ଯାଉଛନ୍ତି ।


ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଶିରାବାହାଲ ଗ୍ରାମରେ ଜୁହାର ଭେଟ ।


ବରଗଡ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ରାଜରଙ୍ଗାଟିକ୍ରା ଗ୍ରାମରେ ସାନମାନେ ଜୁହାର ଭେଟ୍ ହେଉଛନ୍ତି ।


ଶୁକ୍ରବାର ସମ୍ବଲପୁରରେ ନୂଆଁଖାଇ ଜୁହାର ଭେଟ ।


ଶୁକ୍ରବାର ସମ୍ବଲପୁର ସମଲେଇ ଛକ ନିକଟରେ ୨ ମହିଳା ନୂଆଁଖାଇ ପିଠା ପ୍ରସ୍ତୁତ କରୁଛନ୍ତି ।


ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ରାଜରଙ୍ଗାଟିକ୍ରା ଗାଁରେ ୭୦ଟି ପରିବାରର ଲୋକେ ଏକାଠି ନବାନ୍ନ ଭକ୍ଷଣ କରୁଛନ୍ତି ।


ଶୁକ୍ରବାର ସମ୍ବଲପୁରରେ ନୂଆଁଖାଇ ଭୋଜି ।



କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ କଟକ ତେଲେଙ୍ଗା ବଜାରସ୍ଥିତ ରଘୁନାଥ ମନ୍ଦିରରେ ଅନୁଷ୍ଠିତ ନୂଆଁଖାଇ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।


ଶାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ କଟକ ଶାରଳା ଭବନଠାରେ ଆୟୋଜିତ ଉତ୍ସବକୁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଉଦ୍‌ଘାଟନ କରୁଛନ୍ତି ।


ସମ୍ବଲପୁର ସମଲେଇ ମନ୍ଦିରରେ କଟକ ବଡମ୍ବା ଖଇର ପଙ୍ଗା ଅଞ୍ଚଳରୁ ଆସିଥିବା ଭକ୍ତ ନରହରି ଦାଶ ଶଙ୍ଖ ବାଦନ କରୁଛନ୍ତି ।


ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସରେ ରାଜ ପରିବାରର ସଦସ୍ୟମାନେ ନୂଆଁ ଖାଉଛନ୍ତି ।


ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଛତାମଖନା ଗାଁରେ ନିଜ ପରିବାର ସଦସ୍ୟଙ୍କ ସହ ବିଧାୟକ ତଥା ଓଡ଼ିଶା ବିଧାନସଭାରେ ବିରୋଧୀ ଦଳର ନେତା ନରସିଂହ ମିଶ୍ର ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



ଯାହା ପାଖରେ ଧନ ଅଛି, ତାହାର ଅନେକ ମିତ୍ର, ଭାଇ-ବନ୍ଧୁ ଓ ସମ୍ପର୍କୀୟ ଥାଆନ୍ତି।

- ଚାଣକ୍ୟ



## ସଂକ୍ଷେପରେ



### ପଡ଼ା ଗାଁରେ ନୂଆଁଖାଇ

**ବିଜେପୁର,୧୪।୯(ଡି.ଏନ.ଏ.):** ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ପଡ଼ା ଗ୍ରାମରେ ପ୍ରକାଶ ସାଂସ୍କୃତିକ ସଂସଦ ପକ୍ଷରୁ ଶୁକ୍ରବାର ବିଂଶତମ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ଏହି ଅବସରରେ ସାମାଜିକ କର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ କବିରାଜ ମାଝି, ବରିଷ୍ଠ ନାଗରିକ ରାଜେନ୍ଦ୍ର ମେହେର, ଡୋଲାମଣି ମେହେର, କଳାକାର ଜିତେନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ମୋହନ ସିଂ କନ୍ହେଇ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ସଭାପତି ପ୍ରଦୀପ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡା. ଭୋଳାନାଥ ମେହେର, ଟିକେଲାଲ ପଧାନ, ଅକ୍ଷୟ କୁମାର ଦାଶ, ଅମୀୟ ପ୍ରସାଦ ଭୋଇ, ଉମାକାନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ନଡ଼ିଆ ଭଙ୍ଗା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

■ ବରଗଡ଼ ଜିଲାରେ ଗଣପର୍ବ ନୂଆଁଖାଇ

# ସବୁଠି ଉତ୍ସବର ମାହୋଲ

**ବରଗଡ଼ ଅଫିସ୍,୧୪।୯**

ବରଗଡ଼ ଜିଲାରେ ଶୁକ୍ରବାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉତ୍ସାହ ଉଦ୍ଦୀପନାରେ ପାଳିତ ହୋଇଛି । ଜିଲାର ଏଭଳି କେତେକ ଗ୍ରାମ ରହିଛି, ଯେଉଁଠି କେବଳ ପରିବାର ନୁହେଁ, ସମସ୍ତ ଗ୍ରାମବାସୀ ଏକାଠି ହୋଇ ନୂଆଁଖାଇ ପାଳନ କରିବା ସହିତ ନବାନ୍ନ ଭକ୍ଷଣ କରିଥିଲେ । ସେଭଳି ନିଆରା ଢଙ୍ଗରେ ଗ୍ରାମବାସୀ ପାଳନ କରିଥିବା ଭାଇଚାରାର ପର୍ବ ନୂଆଁଖାଇ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଛି ।

ଜିଲାର ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ରାଜରଙ୍ଗାଟିକ୍ରା, ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡାର ସମଲେଇଟିକ୍ରା, ଅତାବିରା ବ୍ଲକର ବରାହମୁଣ୍ଡା, କର୍ଣ୍ଣାଟିକ୍ରା ଆଦି ଗ୍ରାମରେ ଗ୍ରାମବାସୀ ସମୂହ ନୂଆଁଖାଇ ପାଳନ କରିଥିଲେ। ରାଜରଙ୍ଗାଟିକ୍ରାରେ ୭୦ ପରିବାର ବସବାସ କରନ୍ତି । ଜନସଂଖ୍ୟା ୨୫୦ରୁ ଅଧିକ ହେବ । ସେମାନଙ୍କ ମଧ୍ୟରେ ବ୍ରାହ୍ମଣ, କୁଲିତା, ସହଁରା, କୁମ୍ଭାର, ଭଣ୍ଡାରୀ ଆଦି ବର୍ଗର ଲୋକେ ଅଛନ୍ତି । ଗତ ଦୁଇବର୍ଷ ହେଲା ଗ୍ରାମବାସୀ ଏକାଠି ହୋଇ ନୂଆଁଖାଇ ପାଳନ କରି ଆସୁଛନ୍ତି । ନୂଆଁଖାଇର ୧୫/୨୦ଦିନ ପୂର୍ବରୁ ଗ୍ରାମବାସୀ ଏକ ବୈଠକ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ, ଏହି ପର୍ବ ପାଳନ ପାଇଁ ପ୍ରତି ପରିବାରରୁ ଯଥାଶକ୍ତି ସାହାଯ୍ୟ ରାଶି ସଂଗ୍ରହ କରିଥିଲେ। ସେହି ରାଶି ସଂଗ୍ରହ ହେବା ପରେ ନୂଆଁଖାଇ ପାଳନ ପାଇଁ ଆବଶ୍ୟକ ସାମଗ୍ରୀ କିଣିଥିଲେ । ଏହା ସହିତ ପର୍ବ ପାଳନର ଅବ୍ୟବହିତ ପୂର୍ବରୁ ଗାଁ ଦାଣ୍ଡକୁ ସଫାସୁତୁରା କରିଥିଲେ।

ଶୁକ୍ରବାର ସକାଳୁ ନିତ୍ୟକର୍ମ ସାରି ପିଲାଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ରଙ୍ଗାଟିକ୍ରା ଗ୍ରାମବାସୀ ଗାଁ ଦାଣ୍ଡରେ ଏକାଠି ହୋଇଥିଲେ । ଗ୍ରାମର ଝାଙ୍କର ସମସ୍ତଙ୍କୁ ନୂଆଁ ଧାନ ଦେଇଥିଲେ । ଗ୍ରାମଦେବୀ କାଳକା ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମ ଦେବୀଙ୍କୁ ନବାନ୍ନ ଅର୍ପଣ ପରେ ଗୌନ୍ତିଆ ଶାନ୍ତି ଭୋଇ ସମସ୍ତ ଜନତାଙ୍କୁ ତାହା ପ୍ରଦାନ କରିଥିଲେ । ନବାନ୍ନ ଭକ୍ଷଣ ପରେ ସମସ୍ତେ ଜୁହାର ଭେଟ ହୋଇଥିଲେ ଏବଂ ଭୋଜିଭାତର ଆସର ଜମିଥିଲା । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଗ୍ରାମରେ ନୂଆଁଖାଇ ପରମ୍ପରା ସହିତ ଏକତା ବଜାୟ ରଖିବା ପାଇଁ ସେମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି ଏବଂ ଆଗକୁ ମଧ୍ୟ ଏକାଠି ନୂଆଁଖାଇ ପାଳନ କରିବେ ବୋଲି ଗୌନ୍ତିଆ ଭୋଇ କହିଥିଲେ । ଅନୁରୂପ ଭାବେ ବରାହମୁଣ୍ଡା ଗ୍ରାମବାସୀ ଗାଁ ସ୍କୁଲରେ ଏକାଠି ହୋଇ ନୂଆଁଖାଇ ପାଳନ କରିଥିଲେ । ଏହି ଅବସରରେ ସମଲେଇଟିକ୍ରା ଏବଂ କର୍ଣ୍ଣାଟିକ୍ରାବାସୀ ମଧ୍ୟ ନିଜ ନିଜ ଗ୍ରାମରେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଥିଲେ । ଏହି ଗ୍ରାମ ଗୁଡ଼ିକରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ନବାନ୍ନ ଭକ୍ଷଣ ପରେ ଜୁହାର ଭେଟ୍



ନୂଆଁଖାଇ ଅବସରରେ ରାଜରଙ୍ଗାଟିକ୍ରା ଗ୍ରାମବାସୀ ଜୁହାରଭେଟ୍ ହେଉଛନ୍ତି ।

- ରାଜରଙ୍ଗାଟିକ୍ରାରେ ୭୦ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏକାଠି ଖାଇଲେ ନବାନ୍ନ
- ନୂଆଁଖାଇର ୧୫/୨୦ଦିନ ପୂର୍ବରୁ ଗ୍ରାମବାସୀ ଏକ ବୈଠକରେ ନେଇଥିଲେ ନିଷ୍ପତ୍ତି
- ଗ୍ରାମ ଦେବୀଙ୍କୁ ଅର୍ପଣ ପରେ ଗୌନ୍ତିଆ ସମସ୍ତ ଜନତାଙ୍କୁ ଦେଇଥିଲେ ନବାନ୍ନ

■ ଦଧିବାମନଙ୍କୁ ନୂଆଁ ଭୋଗ ଲାଗି

## ସ୍ୱତନ୍ତ୍ର ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ଭଟଲିର ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁ ।

**ଭଟଲି,୧୪।୯(ଡି.ଏନ.ଏ)**

ପଶ୍ଚିମୋଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ପୀଠରେ ଶୁକ୍ରବାର ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ନୂଆଁ ଭୋଗ ଲାଗି କରାଯାଇଛି । ଶୁକ୍ରବାର ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ଦୈନିକ ପୂଜାନୀତି, ପହଡ଼ଭଙ୍ଗ, ଦ୍ୱାରଫିଟା, ସକାଳଧୂପ ଆଦି ସରିବା ପରେ ଦଧିବାମନଙ୍କୁ ନୂଆ ପାଟଲୁଗାରେ ବେଶ କରାଯାଇଥିଲା। ପରେ ପୂର୍ବ ନିର୍ଦ୍ଧାରିତ ସକାଳ ୮ଟା ୧୧ ମିନିଟ୍ ବିଶୁଦ୍ଧ ତୁଳା ଲଗ୍ନରେ ନୂଆ ଭୋଗ ଲାଗି କରଯାଇଥିଲା । ପରାମ୍ପରା ଅନୁଯାୟୀ ମହାପ୍ରଭୁଙ୍କୁ ନୂଆ ଭୋଗ ଲାଗି ହେବା ପରେ ଭଟଲି ଅଞ୍ଚଳବାସୀ ଶ୍ରୀମନ୍ଦିରକୁ ଯାଇ ଦଧିବାମନଙ୍କୁ ଦର୍ଶନ କରିଥିଲେ ଏବଂ ନିଜ ନିଜ ଘରେ ଇଷ୍ଟଦେବୀଙ୍କ ଠାରେ ନୂଆଁ ଚାଉଳ ଭୋଗ ଲାଗି କରି ନବାନ୍ନ ଭକ୍ଷଣ କରିଥିଲେ । ଏଥିପାଇଁ ଶ୍ରୀ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ଏକାଠି ହୋଇ ଭେଟ୍‌ଘାଟ ହୋଇଥିଲେ ।

## ଚିଚିଣ୍ଡାରେ ନୂଆଖାଇ ଭେଟଘାଟ



ଚିଚିଣ୍ଡାରେ ଅନୁଷ୍ଠିତ ନୂଆଖାଇ ଭେଟଘାଟରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ ।

**ଭେଡ଼େନ, ୧୪।୯(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମ ଦୁର୍ଗାମଣ୍ଡପ ଠାରେ ନୂଆଖାଇ ଅବସରରେ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ଭେଟଘାଟ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ତ୍ରିଲୋଚନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ ଆନନ୍ଦ ରାଉତ, ଅରୁଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବର୍ଷିୟାନ ସଂକୀର୍ତ୍ତନ ଗାୟକ ତଥା ଗୁରୁ ରାଜେନ୍ଦ୍ର ବେହେରା, ବାଦ୍ୟକାର ସଂକୀର୍ତ୍ତନ ଭୋଇ, କୃତୀ ଛାତ୍ରୀ ପ୍ରଯୁକ୍ତି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନୋରଞ୍ଜନ ମାଝୀ ଅତିଥି ପରିଚୟ ପ୍ରଦାନ ତଥା ସଭା ପରିଚାଳନା କରିଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସଂକୀର୍ତ୍ତନ ବାୟକ ଗାୟକ ତଥା ସଂଚାର କଳା ପ୍ରଦର୍ଶିତ ହୋଇଥିଲା। ଏଥିରେ ସଞ୍ଜୀବ ପ୍ରଧାନ, ଦୁର୍ଲଭ ଭୋଇ, ଅଭିନେତା ସୁଶୀଲ ମେହେର, ରାଧାକାନ୍ତ ମେଣ୍ଡଲୀ, କବି ନାଗୁରୁ ଭୋଇ, ନାରାୟଣ ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଉତ୍ତମ ଭୋଇ ସମଲେଇ ବନ୍ଦନା ଗାନ କରିଥିବା ବେଳେ ସଙ୍ଗୀତରେ ରାଜକୁମାର ପ୍ରଧାନ, ନରେଶ ଛୋଟେପାନ, ମନବୋଧ ବେମାଲ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଆକର୍ଷଣୀୟ ନୃତ୍ୟଗୀତ ପରିବେଷିତ ହୋଇଥିଲା ।

### ନୂଆଁଖାଇ ମାହୋଲ

## ପିଠାପଣାରେ ମହକିଲା ଗାଁ ଦାଣ୍ଡ

**ବୌଦ୍ଧ,୧୪।୯(ସ୍ୱ.ପ୍ର)**

ଶୁକ୍ରବାର ପଶ୍ଚିମ ଓଡ଼ିଶାର ଘରେ ଘରେ ପାଳିତ ହୋଇଛି ଗଣପର୍ବ ନୂଆଖାଇ। ଏଥିପାଇଁ ସାରା ଜିଲା ଚଳଚଞ୍ଚଳ ଥିବାବେଳେ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ପୀଠରେ ଧାର୍ଯ୍ୟ ଲଗ୍ନ ଅନୁସାରେ ସକାଳ ୮ଟା ୪୦ମିନିଟ୍‌ରେ ନବାନ୍ନ ଲାଗି କରାଯାଇଥିଲା । ଏହି ପର୍ବ ପାଳନ ନେଇ ଘରେ ଘରେ ନୂଆ ଚାଉଳର ପିଠାପଣାରେ ଗାଁ ଦାଣ୍ଡ ମହକି ଉଠିଥିଲା । ସମସ୍ତ ଗ୍ରାମରେ ପ୍ରଥମେ ମୁଖିଆଙ୍କ ଦ୍ୱାରା ଗ୍ରାମଦେବତୀଙ୍କ ନିକଟରେ ନବାନ୍ନ ଅର୍ପଣ କରାଯାଇଥିଲା । ପରେ ପ୍ରତି ପରିବାରର ସମସ୍ତେ ନୂଆ ଲୁଗା ପିନ୍ଧି ନିଜ ନିଜର ଇଷ୍ଟ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରି ନବାନ୍ନ ଭକ୍ଷଣ କରିଥିଲେ। ବିଭିନ୍ନ ବର୍ଗରେ ପରମ୍ପରା ଅନୁସାରେ କୁରେଇ, ମହୁଲ, ପଳଶା, ଶାଳପତ୍ରରେ ନବାନ୍ନ ଖାଇଥାନ୍ତି । ଚଷା ପୁଅ ନିଜର ଜମିରେ କ୍ଷୀର, ଅରୁଆ ଚାଉଳ ଓ ଫୁଲ ଦୁବ ଦେଇ ପୂଜା କରିଥିଲେ । ପରିବାର ଓ ସାଇ ଭାଇ ମିଳିମିଶି ନବାନ୍ନ ଖାଇବା ପରେ ଗାଁ ଗାଁରେ ନାଚ ଗୀତର ଆସର ଜମି ଉଠିଥିଲା । ଭେଟ୍‌ଘାଟ୍ ପରମ୍ପରା ଅନୁଯାୟୀ ନବାହ୍ନ ଭକ୍ଷଣ ପରେ ଗ୍ରାମର ଛୁଆ ଠାରୁ ବୁଢା ପର୍ଯ୍ୟନ୍ତ ନିଜ ବୟସ ଠାରୁ ଅଧିକ ବୟସ୍କ ବ୍ୟକ୍ତି ବିଶେଷଙ୍କ ପାଦଛୁଇଁ ଆଶୀର୍ବାଦ ମାଗିଥିଲେ । ଗାଁ ଗାଁରେ ରାତିସାରା ନାଚ ଗୀତ ଜମିଥିଲା। ଏହି ଭେଟଘାଟ ପର୍ବ ପାଇଁ ସାରା ଜିଲା ଉତ୍ସବ ମୁଖର ହୋଇପଡିଛି ।

# ନୃସିଂହନାଥଙ୍କୁ ଲାଗି ହେଲା ନବାନ୍ନ

**ପାଇକମାଲ,୧୪।୯(ଡି.ଏନ.ଏ)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପାଇକମାଳର ନୃସିଂହନାଥରେ ଶୁକ୍ରବାର ନବାନ୍ନ ଖାଇଛନ୍ତି ଅଞ୍ଚଳର ହଜାରେରୁ ଊର୍ଦ୍ଧ୍ୱ ଭକ୍ତ । ଭୋର୍ ସମୟରେ ମନ୍ଦିର କୁଳ ପୁରୋହିତ ସୁନୀଲ ଓ ନରସିଂହ ହୋତା ପୂର୍ବ ନିର୍ଦ୍ଧାରିତ ସମୟରେ ମହାପ୍ରଭୁଙ୍କ ସ୍ନାନ କରାଇ ଅଳଙ୍କାର ଧାରଣ ସହିତ ଗାଦି ପୂଜା ଓ ରୀତିନୀତି ଆରମ୍ଭ କରିଥିଲେ । ମନ୍ଦିର ପୂଜକ ସୁଜ୍ଞାନ ତ୍ରିପାଠୀ, ସିର୍ଦ୍ଧାଥ ପୁରୋହିତ, ମନ୍ମିତ ପୁରୋହିତ, ଆଜାଦ ମାଝୀ ପ୍ରମୁଖ ନବାନ୍ନ ପାଇଁ ମହାପ୍ରଭୁଙ୍କ ଠାରେ ପୂଜା ନୀତି ସମ୍ପନ୍ନ କରିଥିଲେ । ଏହାପରେ ମହାପ୍ରଭୁଙ୍କୁ ନବାନ୍ନ ଲାଗି ହେବା ପରେ ପାର୍ଶ୍ୱଦେବା ଦେବୀଙ୍କୁ ନବାନ୍ନ ଲାଗି ହୋଇଥିଲା । ଅପରାହ୍ନ ସାଢେ ୧ଟାରେ ହରିହର ପଙ୍ଗତରେ ହଜାରେରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ । ପୂର୍ବରୁ ହିରାଲାଲ ପାଣ୍ଡେ, ଶ୍ରୀରାମ ପାଣ୍ଡେ, ଜୟ ପ୍ରକାଶ ନାୟକ, ମାନସ ପଣ୍ଡା ଓ ମନ୍ଦିର ରୋଷେୟା ମାନଙ୍କ ଦ୍ୱାରା ବିଭିନ୍ନ ପିଠାପଣା କରାଯାଇଥିଲା । ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ରମେଶ ଚନ୍ଦ୍ର ସେଠୀ, ବିଶ୍ୱମ୍ଭର ମୁଣ୍ଡ, ମୋହନ ଜଗତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ନୃସିଂହନାଥ ପୀଠରେ ଶ୍ରଦ୍ଧାଳୁମାନେ ନବାନ୍ନ ଭକ୍ଷଣ କରୁଛନ୍ତି ।

# ଏକଠାନିଆ ନୁଆ ଖାଏଲେ ଗାଁ ଯାକର ସଭେ

**ଭେଡ଼େନ, ୧୪।୯(ଡ଼ି.ଏନ.ଏ)**

ଭାବ ପ୍ରେମର ତିହାର ନୁଆଖାଇ କେ ବରଗଡ଼ ଜିଲାର ଭେଡ଼େନ ବ୍ଲକ ର ସବୁ ଗାଁ ନ ଜାକ ଜମକ ନ ପାଳନ କରିଛନ। ଏନତା କି କେତେ ଖଁଡ଼ ଗାଁ ନ ଗାଁ ଜାକର ସବୁ ଲୋକ ଏକଠାନିଆ ଗୁଟେ ଠାନେ ନୁଆ ଖାଇସନ। ଏନତା ଗୁଟେ ଗାଁ ହେଲା ଅଏଁଲାପାଲି ପନଚେତ ର ରଙ୍ଗାଟିକ୍ରା ଗାଁ। ଛୋଟ ଟେ ପଡ଼ା ଗାଁ ହଇଥିଲେ ବି ଇ ଗାଁ ନ ୩୦ ଟା କୁଟୁମ ର ଶହେ ନୁ ଅଏତକା ଲୋକ ରହେସନ। ଶୁକ୍ରବାର ନୁଆଖାଇ ଦିନର ସକାଳୁ ସବୁ କୁଟୁମ ନିଜର ନିଜର ଇଷ୍ଟଦେବୀ ନ ପୂଜାପାଠ କରିକରି ଗାଁଖୁଲ କେ ବାହାରଲେ। ତାର ଉତାରୁ ସଭେ ଏକେ ସାଙ୍ଗେ ନୁଆ ଖାଇ କରି ଗାଁ ମଝାନ ରନ୍ଧା ହଇଥିବା ଭୋଗ ଆର ଭାତ ତୁନ ଗୁଟେ ଠାନେ ଖାଏଲେ। ଗାଁର ସିଆନ ବୃଷଭ ପଧାନ, ବିଦ୍ୟାଧର ପଧାନ ଙ୍କର ତହକ ନ ଆଗକେ ବାହାରିକରି ଯୁଆନ ପିଲା ରାଧେଶ୍ୟାମ, ରିଙ୍କୁ, ଫଗନୁ, ମଧୁ,ରୋଶନ, ପ୍ରକାଶ ବାଗିର ପିଲାମାନେ ଇ କାର୍ଯ୍ୟକ୍ରମ କେ ମିଳିମିଶି କରି ଆୟୋଜନ କରିଥିଲେ। ରନ୍ଧନିଆ ହିସାବେ ସମାରୁ ଦାଶ ରନ୍ଧାବଢ଼ା କରିଥିଲେ। ସେନତା ଅଏଁଲାପାଲି ଗାଁର ମଝପଡ଼ାର ୭୦ ଟା କୁଟୁମର ସାଢ଼େ ୩୦୦ ଲୋକ ଏକଠାନିଆ ଗୁଟେ ଯାଗା ନ ନୁଆ ଖାଇଥିଲେ। ଗାଁ ର ମଝାମଝି ଥିବା ଜୟ ସନ୍ତୋଷୀ ମା କଳା ପରିଷଦର ଯୁଆନ ପିଲା ମାନକର ଚେଷ୍ଟାନ ଗଲା ୭ ବଛର ହେଲାନ ଇ ଗାଁର ୭୦ କୁଟୁମ ଏନତା ଭାବେ ଗୁଟେ ଜାଗାନ ନୁଆ ଖାଉଛନ। ବେଳ ବୁଡ଼ାକେ ନାଚଗାନା ଆର କୁଇଜ ପ୍ରୋଗ୍ରାମ ହଇଥିଲା।

## ଶ୍ରେଷ୍ଠ ବିଧାୟକ ପୁରସ୍କାର ରାଶି ମାତୃନିକେତନକୁ ଦାନ



ବିଧାୟକ ପ୍ରଦରପ ପୁରୋହିତ ମାତୃ ନିକେତନର ନିରୂପମା ମହାପାତ୍ରଙ୍କୁ ୫୦ ହଜାର ଟଙ୍କାର ଚେକ୍ ଦେଉଛନ୍ତି ।

**ପାଇକମାଳ,୧୪।୯(ଡି.ଏନ.ଏ)**

ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ପାଇଥିବା ଶ୍ରେଷ୍ଠ ବିଧାୟକ ପୁରସ୍କାର ରାଶିକୁ ଶୁକ୍ରବାର କସ୍ତୁରବା ଗାନ୍ଧୀ ମାତୃନିକେତନକୁ ପ୍ରଦାନ କରିଛନ୍ତି। ଶୁକ୍ରବାର ବିଧାୟକ ପୁରୋହିତ ମାତୃନିକେତନକୁ ଯାଇ ପାର୍ବତୀ ଗିରିଙ୍କ ସହଯୋଗୀ ନିରୂପମା ମହାପାତ୍ରଙ୍କୁ ୫୦ ହଜାର ଟଙ୍କାର ଚେକ୍ ଦେଇଛନ୍ତି । ଏହି ଅବସରରେ ବଡ ସତପଥୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ନୂଆଖାଇ ଭେଟଘାଟରେ ବିଧାୟକ ପୁରୋହିତ, ଭାଜପା ଜିଲା କାର୍ଯ୍ୟକାରିଣୀ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ଖବରଦାତା ସୁରଥ ସାହୁ, ଅନୁଷ୍ଠାନର ଶୋଭ୍ରା ନାୟକ, ଯଶୋବନ୍ତୀ ଭୁଇଙ୍କ ସହ ଅନ୍ତେବାସୀମାନେ ଯୋଗଦାନ କରିଥିଲେ । ଉକ୍ତ ରାଶି ଅନ୍ତେବାସୀଙ୍କ ହିତ ଦିଗରେ ଖର୍ଚ୍ଚ କରିବାକୁ ପୁରୋହିତ ପରାମର୍ଶ ଦେଇଥିଲେ ।

# ସର୍ଲାରେ ନୂଆଁଖାଇ ଯୋଟଯାଟ୍

**ବରଗଡ଼ ଅଫିସ୍,୧୪।୯**

ବରଗଡ଼ ବ୍ଲକ ସର୍ଲା ଗ୍ରାମରେ ଶୁକ୍ରବାର ନୂଆଁଖାଇ ଯୋଟଯାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡଃ ବି. ଆର୍ ଆମ୍ବେଦକର ଯୁବକ ସଙ୍ଗଠନ ପକ୍ଷରୁ ଗ୍ରାମର ଗଣ୍ଡାପଡ଼ାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପବିତ୍ର ଦେହେରୀ ମୁଖ୍ୟଅତିଥି ଓ ଭବାନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦେବରାଜ ଛତ୍ରିଆ, ଜୟରାମ ବାଗ ବକ୍ତା ଭାବେ ଯୋଗଦେଇ ବାବା ସାହେବଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ । ସିଦ୍ଧାର୍ଥ ବାଗ, ମଙ୍ଗଲୁ ଚରଣ ବାଗ, ଅଜିତ ମଲ୍ଲିକ, କୃତାର୍ଥ ବାଗ, ବିଶ୍ୱଜିତ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ବରଗଡ଼ ବ୍ଲକ ସର୍ଲା ଗାଁରେ ନୂଆଁଖାଇ ଯୋଟଯାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଶାନ୍ତନୁ ବିଶ୍ୱାଳଙ୍କ ଶୋକସଭା

**ବିଜେପୁର, ୧୪।୯ (ଡି.ଏନ.ଏ)**

ଖବରଦାତା ଶାନ୍ତନୁ ବିଶ୍ୱାଳଙ୍କ ବିୟୋଗରେ ଗୁରୁବାର ବିଜେପୁର ଖବରଦାତା ସଂଘ ପକ୍ଷରୁ ବରିଷ୍ଠ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ପାଣ୍ଡବ ପଧାନଙ୍କ ଅଧ୍ୟକ୍ଷତାରେ ସୁନୀଲ କୁମାର ମିଶ୍ର, ଜିତେନ୍ଦ୍ରିୟ ମେହେର, ଦୀନବନ୍ଧୁ ଦେହେରୀ, ଆକାଶ ମେହେର, ଜୟରାମ ବାଗ, ଜନାର୍ଦ୍ଦନ ପାଣିଗ୍ରାହୀ, ଧରଣୀ ବାରିକ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ରାଜେଶ୍ୱର ବେହେରା ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବରଗଡ ଜିଲାର ଐତିହ୍ୟ, ସଂସ୍କୃତି, ଯାନିଯାତ୍ରାକୁ ଜନମାନସରେ ପରିଚିତ କରିବାରେ ତାଙ୍କ ପ୍ରମୁଖ ଭୂମିକା ଥିଲା ବୋଲି ମତପ୍ରକାଶ ପାଇଥିଲା । ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତିପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।



“ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ୨ପରିବାର ମଧ୍ୟରେ ମାରପିଟ

**ବୀରମହାରାଜପୁର, ୧୪।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ଟିଠିପାଲି ଗ୍ରାମରେ ପୂର୍ବ ଶତ୍ରୁତାରୁ ଦୁଇ ପରିବାର ମଧ୍ୟରେ ମାରପିଟ ଘଟିଛି। ଲିଙ୍ଗରାଜ ଅମାତଙ୍କ ସ୍ତ୍ରୀ ସବିତା ବୀରମହାରାଜପୁର ଥାନାରେ ଗୁରୁବାର ରାତିରେ ଦାଏର କରିଥିବା ଏତଲା ଅନୁଯାୟୀ ପ୍ରତିପକ୍ଷ ପରିବାରର ସଦସ୍ୟମାନେ ସଂଘବଦ୍ଧ ଭାବେ ଲିଙ୍ଗରାଜଙ୍କୁ ଆକ୍ରମଣ କର ୨ ହଜାର ଟଙ୍କା ଲୁଟି ନେଇଥିଲେ। କେବଳ ସେତିକି ନୁହେଁ ସବିତ ମଧ୍ୟ ସେମାନଙ୍କ ଅସଦ ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ କରାଯାଇଛି। ଏ ନେଇ ଦଫା ୩୪୧,୩୦୭, ୩୭୯, ୩୫୪, ୩୨୩, ୫୦୬, ୩୪ରେ ଏକ ମାମଲା (ନଂ.୧୩୦/୧୮) ରୁଜୁ ହେଇଛି। ଅଭିଯୁକ୍ତ ବନମାଳୀ ମେଣ୍ଡିଲି, ବୀରବଲ ମେଣ୍ଡିଲି, ଶିଶିର ମେଣ୍ଡିଲି ଏବଂ ସହଯୋଗୀ ଉମେଶ ଖମାରୀଙ୍କ ମଧ୍ୟରୁ କେହି ବି ଏ ପର୍ଯ୍ୟନ୍ତ ଗିରଫ ହୋଇ ନ ଥିବା ଜଣାପଡିଛି। ଉକ୍ତ ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଛି।

### ବାବା ଯୁବ ବାହିନୀ ଗଠିତ

**ପଲଶାଗୋରା, ୧୪।୯ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ନର୍ସରୀ ଖେଳ ପଡିଆଠାରେ ସ୍ୱେଚ୍ଛାସେବୀ ସୁଜିତ ଖଟୁଆଙ୍କ ଆହ୍ୱାନରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଯୁବକ ଯୋଗଦେଇ ବାବା ଯୁବ ବାହିନୀ ଗଠନ କରିଥିଲେ । ସର୍ବସମ୍ମତି କ୍ରମେ ସୁଜିତ ଖଟୁଆଙ୍କୁ ସଭାପତି, ପ୍ରମୋଦ ସେଠୀ ସମ୍ପାଦକ ଓ କୈଳାସ ସାହୁଙ୍କ କୋଷାଧକ୍ଷ ଚୟନ କରାଯାଇଥିଲା । ସକ୍ରିୟ ସଦସ୍ୟ ଭାବେ ଦଶରଥ ପାଢ଼ୀ, ପ୍ରମୋଦ ଗୁରୁ, ପଞ୍ଚାନନ ମହାକୁଡ, ନାରାଣ ବେହେରା, ସଦାନନ୍ଦ ସାହୁଙ୍କୁ ଚୟନ କରାଯାଇଛି ।

### ଜୈବିକ କୃଷି ପ୍ରସ୍ତୁତି, ପ୍ରୟୋଗ ତାଲିମ ଶିବିର

**ବୌଦ୍ଧ,୧୪।୯(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପିତାମ୍ବରପୁରଠାରେ ଗ୍ରାମବିକାଶ, ପଲ୍ଲୀ ବିକାଶ, କୃଷକ ଉତ୍ପାଦକ ସଙ୍ଗଠନ ଓ ସହକାରୀ ଉଦ୍ୟାନ କୃଷି ବିଭାଗର ମିଳିତ ଉଦ୍ୟମରେ ପାରମ୍ପରିକ ଜୈବିକ କୃଷିର ପ୍ରସ୍ତୁତି ଓ ପ୍ରୟୋଗ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆଧୁନିକ ଯୁଗରେ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ଯୋଗୁଁ ସନ୍ତୋଷ ଜନକ ଫସଲ ଆମଦାନି ହୋଇପାରୁ ନ ଥିବା ସ୍ଥଳେ ମଣିଷ ସମାଜ ଏହାକୁ ବ୍ୟବହାର କରି ବିଭିନ୍ନ ରୋଗରେ ପଡୁଛି । ଏଣୁ ପାରମ୍ପରିକ ଜୈବିକ ପଦ୍ଧତିକୁ ଆପଣାଇବା ପାଇଁ ତାଲିମ ଶିବରରେ ତାଲିମ ଦାତାମାନେ ମତ ପ୍ରକାଶ କରିଥିଲେ। ସେମାନେ ଗୋବର, ଗୋମୂତ୍ର, ଗୁଡ, ବେସନ ଓ ଉଇ ହୁଙ୍କା ମାଟି ଉପାଦନରେ ଜୀବାମୃତ ତିଆରି କରି ବୁଝାଇଥିଲେ । ଜମିରେ କୀଟନାଶକ ପାଇଁ ନିମ୍ବ, ଅରଖ, ବାସଙ୍ଗ, ସୀତାଫଳ, ଅମରୀ, ନିର୍ଗୁଣ୍ଡି, ବଣତୁଳସୀ, ବେଲ, ଓ କଳା ଦୁଦୁରା ପତ୍ରକୁ ୫ ଲିଟର ଗୋମୂତ୍ରରେ ମିଶାଇ ରନ୍ଧାଯାଇ ସମସ୍ତ ଚାଷୀଙ୍କୁ ନିୟମ ଅନୁଯାୟୀ ବ୍ୟବାହାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଶିବରରେ ଷ୍ଟେଟବ୍ୟାଙ୍କ ଆତ୍ମନିର୍ଭରଶୀଳ ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ବୃନ୍ଦାବନ ଦାସ, ରାମଶରଣ ମଲିକ, ନାବାର୍ଡର ଡିଡିଏମ ତାପସ ଶଙ୍କର ରାଉତ, ଓ ପଲୀ ବିକାଶର କର୍ମକର୍ତ୍ତା ଚାଷୀଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପିତାମ୍ବରପୁର ଗ୍ରାମର ୫୮ ଜଣ ଆଗ୍ରହୀ ମହିଳା ପୁରୁଷ ଚାଷୀ ତାଲିମ ନେଇଥିଲେ ।

### ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି

**ଅମରପାଲି, ୧୪।୯(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ଗାଁ କଲ୍ୟାଣ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାର୍ଷିକ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ୱାର୍ଡସଭ୍ୟା ରମ୍ଭା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଶାକର୍ମୀ ଅରୂପା ନାଏକ ଓ ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ବିଶ୍ୱନାଥ ମହାକୁର ସମିତିର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମିତିର ଆବାହକ ତଥା ଅଙ୍ଗନୱାଡି କର୍ମୀ ଅଦିତି ହୋତା, ସଭ୍ୟ ବିଶ୍ୱନାଥ ଥନାପତି, ସୁଜାତା ଥନାପତି, ଅଞ୍ଜଳୀ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ ।





ନବାନ୍ନ ଭୋଗ ଲାଗି ସୋନପୁରରେ ଅନୁଷ୍ଠିତ ପାହୁର ଯାତ୍ରା।

## ସୁବର୍ଣ୍ଣପୁରରେ ନୂଆଁଖାଇ

# ପୁରପଲ୍ଲୀ ଉତ୍ସବମୁଖର

- ବାହାରିଲା ପାହୁର ଶୋଭାଯାତ୍ରା
- ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ ଶ୍ରଦ୍ଧାଳୁ

**ସୋନପୁର,୧୪।୯(ନି.ପ୍ର.)**

ପଶ୍ଚିମ ଓଡିଶାର କୃଷିଭିତ୍ତିକ ମହାନ ଗଣପର୍ବ ନୁଆଁଖାଇ। ଏହି ପର୍ବ ସ୍ନେହ ବନ୍ଧନର ସମ୍ପର୍କକୁ ଅଧିକ ଦୃଢୀଭୂତ କରେ। କେବଳ ପରିବାର ନୁହେଁ, ସାହି ପଡିଶାଙ୍କୁ ମଧ ଗୋଟିଏ ଡୋରିରେ ବାନ୍ଧି ରଖିବାର ପର୍ବ ନୂଆଁଖାଇ। ଗଣପର୍ବ ଅବସରରେ ଶୁକ୍ରବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀ ଉତ୍ସବ ମୁଖରିତ ହୋଇଉଠିଛି। ଇଷ୍ଟଦେବୀଙ୍କଠାରେ ନବାନ୍ନ ଭୋଗ ଲାଗି ସମଲେଇ ମନ୍ଦିରରୁ ସକାଳ ୭ଟା ୪୫ ମିନିଟ୍‌ରେ ସ୍ୱତନ୍ତ୍ର ଭାବେ ପାହୁର ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ନୂଆଁଖାଇ ପାହୁର ପର୍ବ ପୁରାତନ ଗଡଜାତ ରାଜ୍ୟର ପ୍ରଚଳିତ ପ୍ରଥା, ପରମ୍ପରା ଓ ଧାର୍ମିକ ନୀତିନିୟମ ଅନୁସାରେ ନବାନ୍ନଭୋଗ ଓ ପୂଜା ସାମଗ୍ରୀ ଅର୍ପଣ ପାଇଁ ୮ଟା ୧୫ ମିନିଟ୍ ମଧରେ ଏହା ଅଷ୍ଟଚଣ୍ଡୀ ଓ ମଝିପଡା ସ୍ଥିତ ହନୁମାନଙ୍କ ପୀଠକୁ ଯାଇଥିଲା। ସକାଳ ଘ୮.୩୧ମିନିଟ୍‌ରୁ ଘ୮.୪୫ମିନିଟ୍ ମଧେ ଅମୃତ ସମୟରେ ନବାନ୍ନ ଭୋଗ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ସୁରେଶ୍ୱରୀଙ୍କୁ ଅର୍ପଣ କରାଯିବା ପରେ ନିର୍ଦ୍ଧାରିତ ଶୁଭଲଗ୍ନରେ ଜିଲାବାସୀ ନବାନ୍ନ ଭକ୍ଷଣ କରିଥିଲେ । ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂର୍ବରୁ ଆୟୋଜିତ ପଣ୍ଡିତ ସଭାରେ ସୁବର୍ଣ୍ଣପୁର ଜିଲା ପାଇଁ ଅଧିଷ୍ଠାତ୍ରୀ ଦେବୀ ମା'ସୁରେଶ୍ୱରୀଙ୍କଠାରେ ନବାନ୍ନ ଲାଗି ଲଗ୍ନ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ ପରିଷଦ ପକ୍ଷରୁ ଅଷ୍ଟଚଣ୍ଡୀଙ୍କ ଉଦ୍ଦେଶ୍ୟରେ ପୀଠର ପୂଜକମାନଙ୍କୁ ପାହୁର ଭୋଗ(ନବାନ୍ନ ଭୋଗ) ସମଲେଇ ମନ୍ଦିର ଠାରେ ଅର୍ପଣ କରା ଯାଇଥିଲା। ରାଜାଙ୍କ ସମୟରେ ପ୍ରଥମେ ଦୁର୍ଗାଦେବୀଙ୍କ ପୀଠରେ ନବାନ୍ନ ଲାଗି ହେଉଥିଲା। ତେବେ ମନ୍ଦିରଟି ଭାଙ୍ଗି ଯିବାରୁ ରାଜାଙ୍କ ଶାସନ ପରେ ପରମ୍ପରା ଅନୁଯାୟୀ ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କ ପାଖରେ ପ୍ରଥମେ ନବାନ୍ନ ଲାଗି ହୋଇ ଆସୁଛି।

ନୂଆଁଖାଇର ସାମାଜିକ ଭାବଧାରା ନିଆରା। ସଭିଏଁ ଏହି ପର୍ବରେ ଏକାଠି ହୋଇଥିଲେ। କାରଣ ଏହି ଦିନ ପରିବାରର ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି, ସଭିଏଁ ସାଙ୍ଗ ହୋଇ ନବାନ୍ନ ଭକ୍ଷଣ କରିଥିଲେ। ବହୁ ପୂର୍ବରୁ ଗୃହିଣୀମାନେ ଲିପାପୋଛା କରି ଘର ଦୁଆର ଓ ଠାକୁର ଘରକୁ ସଜାଇଥିଲା ବେଳେ ସମସ୍ତ ଦେବାଳୟ ଗୁଡିକୁ ମଧ ସଫାସୁତୁରା କରାଯାଇଥିଲା। ଗ୍ରାମାଞ୍ଚଳରେ ନୂଆଁଖାଇ ପୂର୍ବରୁ ପୁରୁଷମାନେ ଗୁହାଳଘର ଓ କୃଷି ଉପକରଣଗୁଡିକୁ ମରାମତି କରିଥିଲେ। ତେବେ ଶୁକ୍ରବାର ପୂଜା ପାଇଁ ସକାଳୁ ସକାଳୁ ଗରିବଙ୍କଠାରୁ ଆରମ୍ଭ କରି ଧନୀକ ଶ୍ରେଣୀର ଲୋକଙ୍କ ଘରେ ପିଠାପଣାର ବାସ୍ନା ମହକି ଉଠିଥିଲା। ନୂଆଁ ଚାଉଳ, ଗାଇ ଘିଅ ଓ ଗୁଡରେ ନବାନ୍ନ ପ୍ରସ୍ତୁତ ହୋଇଥିଲା। ପ୍ରତ୍ୟେକ ପରିବାରରେ ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗି ହେଲାପରେ ସମସ୍ତେ କୁରେଇ ପତ୍ରରେ ତଳେ ବସି ନବାନ୍ନ ଭକ୍ଷଣ କରିଥିଲେ । ଭକ୍ଷଣ ପରେ ଛୋଟମାନେ ବଡଲୋକଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ । ପାହୁର ଶୋଭାଯାତ୍ରାରେ ଅଭିମନ୍ୟୁ କୁଶଲ, ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମୀନାରାୟଣ ମେହେର, ଶ୍ୟାମା ଓଁ ମିଶ୍ର, ପ୍ରକାଶ ସାହୁ, ପୁରୁଷୋତ୍ତମ ପାଣିଗ୍ରାହୀ, ଚୌଧୁରୀ ବିଭାର, ସତ୍ୟନାରାୟଣ ତ୍ରିପାଠୀ, ଗଦାଧର ବାରିକ୍, ଲଡୁକିଶୋର ମଲ୍ଲିକ, ମନୋରଞ୍ଜନ ତ୍ରିପାଠୀ, ଶେଷଦେବ ମେହେର, ଆନନ୍ଦ ପାତ୍ର ଓ ଜୟନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।

## ଦେବଦର୍ଶନ, ଜୁହାର ଭେଟ ଭିତରେ ସରିଲା ନୂଆଁଖାଇ

**ଲାଗି ରହିବ ଭେଟଘାଟର ମାହୋଲ**

**ବୀରମହାରାଜପୁର, ୧୪।୯(ଡି.ଏନ.ଏ.)**

ଶୁକ୍ରବାର ଥିଲା ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ। ତେଣୁ ପୁରପଲ୍ଲୀ ଉତ୍ସବ ମୁଖର। ଧନୀଠାରୁ ଗରିବ ସଭିଏଁ ପାଳିଥିଲେଏହି ତିହାର। ତେଣୁ ଚାରିଆଡେ ହର୍ଷୋଲ୍ଲାସ। ସ୍ଥିରୀକୃତ ତିଥିର ସପ୍ତାହକ ଆଗରୁ ପ୍ରାକ ପ୍ରସ୍ତୁତି ସ୍ୱରୂପ ଘର ଦୁଆର ଲିପାପୋଛା ହୋଇ ପରିଷ୍କାର। ଅଞ୍ଚଳର ଚାଷୀ ତାର କଷ୍ଟୋପାର୍ଜିତ ପ୍ରଥମ ଧାନଫସଲକୁ ଇଷ୍ଟଦେବୀଙ୍କଠାରେ ନୈବେଦ୍ୟ ଅର୍ପଣ କରିଥିଲେ। ଏଥିପାଇଁ ସକାଳେ କ୍ଷେତକୁ ଯାଇ ଧୂପ ଦୀପ ଓ ଫୁଲ ଅର୍ପଣ ସହ କ୍ଷୀର ଢାଳିଥିଲେ । ଏହା ସହିତ ମା' ମାଟିର ପୂଜାର୍ଚ୍ଚନା କରି ପାଚିଲା ଧାନ କେଣ୍ଡା ବରଣ କରି ଆଣିଥିଲେ। ସେହି ଧାନ ଚାଉଳ ବାହାର କରି ପଞ୍ଚାମୃତ ସହିତ କ୍ଷିରୀ ମିଳାଇବା ପରେ ପ୍ରଥମେ ଇଷ୍ଟଦେବୀ ଏବଂ ତାପରେ ପିତୃପୁରୁଷ ଓ ଗ୍ରାମ୍ୟ ଦେବାଦେବୀଙ୍କୁ ଅର୍ପିତ କରାଯାଇଥିଲା। ପରମ୍ପରା ଅନୁଯାୟୀ ଚାଷୀ ପରିବାର ଗାଇ ଗୁହାଳ ଓ ଗାଁଦାଣ୍ଡରେ ମଧ୍ୟ ପୂଜାର୍ଚ୍ଚନା ସହିତ ନୈବେଦ୍ୟ ବାଢିଥିବାର ଦେଖିବାକୁ ମିଳିଥିଲା । ସେହି ପ୍ରସାଦକୁ ପରିବାରର ସମସ୍ତେ ବାଣ୍ଟି ଖାଇସାରିବା ପରେ ଘରେ ପ୍ରସ୍ତୁତ ଛ ତିଅଣ ନ ଭଜା ସହିତ ସ୍ୱାଦିଷ୍ଟ ଭୋଜନ ଖାଇଥିଲେ। ସେବନ ପରେ ଚାଲିଥିଲା ଜୁହାର ଭେଟ ଏବଂ ଅପରାହ୍ନରେ ଦେବଦେବୀ ଦର୍ଶନ ନିମନ୍ତେ ଲୋକଙ୍କ ସୁଅ ଛୁଟିଥିଲା ମନ୍ଦିର ଅଭିମୁଖେ। ବରଷରେ ଥରେ ଆସିଥିବା ଏହି ପର୍ବର ମଜା ନେବା ପାଇଁ ବୀରମହାରାଜପୁର ଉପଖଣ୍ଡରେ ପ୍ରାୟ ସମସ୍ତ ଛୋଟବଡ ଗାଁମାନଙ୍କରେ ବିଭିନ୍ନ ରକମର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିବାର ଖବର ମିଳିଛି। ନୂଆଁଖାଇର ଏହି ମାହୋଲ ଆଉ କିଛିଦିନ ଜାରି ରହିବ ବୋଲି ସୂଚନା ମିଳୁଛି ।

## ଗ୍ରାମୀଣ ସଂହତି, ବିକାଶରେ ନୂଆଁଖାଇ ଭେଟଘାଟର ଭୂମିକା ରହିଛି

**ବୀରମହାରାଜପୁର, ୧୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଭୁଜବଳପୁର ଗ୍ରାମସ୍ଥିତ ବାରୁଦ କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କ୍ଲବ ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହୃଷିକେଶ ବେଦବାକଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଶିକ୍ଷାବିତ ବ୍ରଜ ସୁନ୍ଦର ମିଶ୍ର ମୁଖ୍ୟ ଅତିଥି ଏବଂ ଚିତ୍ତରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆଁଖାଇ ଭେଟଘାଟର ମହତ୍ତ୍ୱ ପ୍ରତିପାଦିତ କରିବା ସହ ଗ୍ରାମୀଣ ସଂହତି ଓ ବିକାଶରେ ଏହାର ପ୍ରଭାବ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସଭାକାର୍ଯ୍ୟ ପରେ ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭେଟ୍‌ଘାଟ ଆୟୋଜନରେ କ୍ଲବର କର୍ମକର୍ତ୍ତା ବସନ୍ତ କୁମାର ଦାଶ, ଭିକାରି ଚରଣ ମିଶ୍ର ଓ ହୃଷିକେଶ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

**ସୋନପୁର,୧୪।୯(ନି.ପ୍ର.)**

ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ କମିଟି ସୋନପୁର ପକ୍ଷରୁ ଭେଟ୍‌ଘାଟ୍ ଉତ୍ସବ ପରମ୍ପରା ଭିତ୍ତିରେ ମହା ଆଡମ୍ବରରେ ଶୁକ୍ରବାର ପାଳିତ ହୋଇଯାଇଛି। ଭୀମଭୋଇ କଳାମଣ୍ଡପଠାରେ ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ କମିଟିର ସଭାପତି ଅଭିମନ୍ୟୁ କୁଶଳ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ନୁଆଁଖାଇ ଭାଇଚାରାର ପର୍ବ ଓ ଭେଟ୍‌ଘାଟ୍ ଦ୍ୱାରା ଆତ୍ମୀୟତାର ଭାବ ସୃଷ୍ଟି ହୁଏ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର, ଅବସରପ୍ରାପ୍ତ ଅଧାପକ ନୀଳାମ୍ବର ଶତପଥୀ, ସମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମୀନାରାୟଣ ମେହେର ଓ ଗଦାଧର ବାରିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଶୁଭେଚ୍ଛା ଜଣାଇଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ତିନି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗୀତଜ୍ଞ ହରପ୍ରସାଦ ରଥ, ବିଶିଷ୍ଟ ମଞ୍ଚଶିଳ୍ପୀ ଉପସୀ ଦେବୀ ଓ ତବଲା ବାଦକ ଜଗନ୍ନାଥ ପାତ୍ରଙ୍କୁ ଜିଲାପାଳ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଭୁବନେଶ୍ୱରର ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀର କଳାକାରମାନେ ଓଡିଶୀ ଓ ସମ୍ବଲପୁର କଳା ବିକାଶ କେନ୍ଦ୍ରର କଳାକାରଙ୍କ ଲୋକନୃତ୍ୟରେ ଦର୍ଶକ ଝୁମିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



କଣ୍ଠଶିଳ୍ପୀ ହରପ୍ରସାଦ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଏକାଠି ନୂଆଁ ଖାଇଲେ ୧୫ ପରିବାର

**ମନମୁଣ୍ଡା, ୧୪।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ଯୋଗିନ୍ଦ୍ରପୁରରେ ସଉରା ସମ୍ପ୍ରଦାୟର ୧୫ ପରିବାରର ୮୦ଜଣ ସଦସ୍ୟ ଏକାଠି ବସି ନୂଆଁ ଖାଇଛନ୍ତି । ଏହି ପର୍ବର ଅସଲ ମହତ୍ତ୍ୱ ନିଜ ବଂଶ, ସମ୍ପର୍କୀୟମାନେ ଯେତେ ଦୂରରେ ଥିଲେ ମଧ ବିଶେଷ ଅସୁବିଧା ନ ହେଲେ ପରିବାର ସହ ଏକାଠି ହୁଅନ୍ତି । ସେମାନେ ରାଗ, ଦ୍ୱେଷ, ମାନ ଅଭିମାନ ଭୁଲି ଏକତ୍ରିତ ହୋଇ ଇଷ୍ଟଦେବୀଙ୍କଠାରେ ପୂଜାର୍ଚ୍ଚନା କରି ନୂଆଁ ଖାଇବା ଓ ଜୁହାର ଭେଟଘାଟ ହେବା ବଡ ବଡ ପରିବାରରେ କ୍ୱଚିତ ଦେଖିବାକୁ ମିଳେ । କିନ୍ତୁ ଏଠିକାର ଆଦିବାସୀ ସଉରା ସମ୍ପ୍ରଦାୟର ପ୍ରହଲ୍ଲାଦ ଭୋଇ, ଶ୍ରୀକାନ୍ତ ଭୋଇ, ଧର୍ମେନ୍ଦ୍ର ଭୋଇ, ଭକ୍ତଚରଣ ଭୋଇ, ସନାତନ ଭୋଇ, ବିଦ୍ୟା ଭୋଇଙ୍କ ମିଳିତ ଉଦ୍ୟମ ଓ ସହଯୋଗ କ୍ରମେ ୧୫ ପରିବାରର ୮୦ଜଣଙ୍କୁ ଏକତ୍ରିତ କରି ସେମାନଙ୍କ ଇଷ୍ଟ ଦେବୀ ମାଁ କରାଳଙ୍କଠାରେ ନବାହ୍ନ ଭୋଗ ଲାଗି କରିଥିଲେ । ସମସ୍ତଙ୍କଠାରୁ ବୟଜ୍ୟେଷ୍ଠ ଏକତ୍ରିତ କରି ସେମାନଙ୍କ ଇଷ୍ଟଦେବୀ ମାଁ କରାଳଙ୍କଠାରେ ନବାନ୍ନ ଭୋଗ ଲାଗି କରିଥିଲେ । ସମସ୍ତଙ୍କଠାରୁ ବୟଜ୍ୟେଷ୍ଠ ବ୍ୟକ୍ତି ଅନ୍ୟମାନଙ୍କୁ ଉକ୍ତ ନବାନ୍ନ ପରସିଥିଲେ । ଏହାସହିତ ପିଠା, ମଣ୍ଡା ଇତ୍ୟାଦି ବିଭିନ୍ନ ପ୍ରକାରର ସୁସ୍ୱାଦୁ ଭୋଜନ କରିଥିଲେ । ଭୋଜନ ପରେ ସାନମାନେ ବଡମାନଙ୍କୁ ମୁଣ୍ଡିଆ, ଜୁହାର କରି ଆଶୀର୍ବାଦ ନେଇଥିଲେ । ଏକାଠି ନବାନ୍ନ ଖାଇବା ଦ୍ୱାରା ଆମ୍ଭ ମଧ୍ୟରେ ସ୍ନେହ, ଆଦର, ସମ୍ପର୍କ ପୂର୍ବଠାରୁ ମଜବୁତ ହେବା ସହ ମନକୁ ଶାନ୍ତି ମିଳିଛି ବୋଲି ପ୍ରହ୍ଲାଦ ଭୋଇ ମତବ୍ୟକ୍ତ କରିଥିଲେ ।



ଯୋଗିନ୍ଦ୍ରପୁରରେ ସଉରା ସମ୍ପ୍ରଦାୟର ୧୫ ପରିବାରର ୮୦ଜଣ ସଦସ୍ୟ ଏକାତ୍ର ନୂଆଁ ଖାଉଛନ୍ତି।

## ଧୂମାଭଟାରେ ନୂଆଁଖାଇ ଭେଟ

**ପଦ୍ମପୁର, ୧୪।୯(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଧୂମାଭଟା ଗାଁରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଧୂମାଭଟାର ଆବାଳ ବୃଦ୍ଧ ବନିତା ଜଗନ୍ନାଥ ମନ୍ଦିର ସାମ୍ନାରେ ଏକତ୍ରିତ ହୋଇ ନବାହ୍ନ ଭକ୍ଷଣ କରିଥିଲେ । ଅର୍ଜୁନ ଭୀଲାଙ୍କ ସଭାପତିତ୍ୱରେ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ସୁବାଷ ଚୌହାନ, ମୁକ୍ତା ସାହୁ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ପ୍ରୀତେଶ ବହିଦାର, ଭୀଷ୍ମଦେବ ଡନସନା, ଚୁନା ଡନସନା, ଅଶୋକ ସାହୁ, କୁମରମଣି ସୁନା, ସୌକିଲାଲ ବରିହା, ପଦ୍ମନ ସାହୁ ଉପସ୍ଥିତ ଥିଲେ। ଇନ୍ଦ୍ରମଣି ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧୂମାଭଟା ଗାଁର ପ୍ରଥମ ଶ୍ରେଣୀରୁ କଲେଜ ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ସବୁଠି ନୂଆଁଖାଇର ମହକ

**ସିଂଘିଝୁବା,୧୪।୯(ଡି.ଏନ୍.ଏ.)**

ବିନିକା ବ୍ଲକ ଅଞ୍ଚଳରେ ନୂଆଁଖାଇ ଧୁମଧାମ୍‌ରେ ପାଳିତ ହୋଇଛି। ପାଗ ଅନୁକୂଳ ଥିବାରୁ ପର୍ବର ମହକ ଗାଁଠୁ ସହର ଯାଏ ସବୁଠି ବେଶ ଅନୁଭୂତ ହୋଇଥିଲା। ନୂଆଧାନରେ ନିର୍ମିତ ଭୋଗ, ପିଠାପଣା ଇଷ୍ଟଦେବୀଙ୍କ ପାଖରେ ଅର୍ପଣ ପରେ ଜୁହାର ଭେଟ ଓ ସମସ୍ତେ ଏକତ୍ର ନବାନ୍ନ ଭକ୍ଷଣ କରିଥିଲେ। ପରିବାରର ବୟୋଜ୍ୟେଷ୍ଠ ସଦସ୍ୟମାନେ ସାନମାନଙ୍କୁ ଆଶୀର୍ବାଦ କରିଥିଲେ । ସହରଠାରୁ ପୁରପଲ୍ଲୀ ଯାଏଁ ପିଠାପଣା, ନ ତିଅଣ ଛଅଭଜାରେ ମହକି ଉଠୁଥିଲା । ବିନିକା ଏନ୍‌ଏସି ଅନ୍ତର୍ଗତ ଗୋଲାପଡାର ଲୋକେ ଏକାଠି ଖାଇଥିଲେ । ପରେ ପଡା ଦୁର୍ଗାପୂଜା କମିଟି ସଦସ୍ୟମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳକୁଦ ଆୟୋଜନ ହୋଇଥିଲା ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ପିଠାପଣା, ଜୁହାର ଭେଟରେ ସରିଲା ନୂଆଁଖାଇ

**ଖପ୍ରାଖୋଲ,୧୪।୯(ଡି.ଏନ.ଏ.):** ନୂଆଁଖାଇ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଧୂମ୍‌ଧାମରେ ପାଳିତ ହୋଇଯାଇଛି । ଅନୁକୂଳ ପାଗ ନୂଆଁଖାଇର ଉତ୍ସାହକୁ ବଢାଇ ଦେଇଥିଲା। ପରମ୍ପରା ଅନୁସାରେ ବିଭିନ୍ନ ପତ୍ରରେ ଇଷ୍ଟ ଦେବୀଙ୍କଠାରେ ନବାନ୍ନ ଲଗାଇ ଥିଲେ । ଚାଷୀ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ନିଜ ଚାଷ ଜମିକୁ ଯାଇ ପୂଜା କରିଥିଲେ। ପୂଜା ପାଠ ଶେଷ ପରେ ପରିବାରରେ ପ୍ରସ୍ତୁତ ନାନା ପ୍ରକାରର ବ୍ୟଞ୍ଜନକୁ ଗୋଟିଏ ସ୍ଥାନରେ ବସି ପରିବାରର ସମସ୍ତେ ବସି ଖାଇଥିଲେ। ନବାନ୍ନ ଗ୍ରହଣ ପରେ ଛୋଟମାନେ ବଡ ମାନଙ୍କୁ ଜୁହାର କରିଥିଲେ। ଦଳଦଳ ହୋଇ ଯୁବତୀଯୁବକ ଘରଘର ବୁଲି ଗାଁ ସାରା ନାଚଗୀତ ସହ ନୂଆଁ ଖାଇ ଜୁହାର କରୁଥିବା ଦେଖିବାକୁ ମିଳିଥିଲା ।

### ବାବା ଯୁବ ବାହିନୀ ଗଠିତ

ପଲଶାଗୋରା, ୧୪।୯ (ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ନର୍ସରୀ ଖେଳ ପଡିଆଠାରେ ସ୍ୱେଚ୍ଛାସେବୀ ସୁଜିତ ଖଟୁଆଙ୍କ ଆହ୍ୱାନରେ ବୁଧବାର ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଯୁବକ ଯୋଗଦେଇ ବାବା ଯୁବ ବାହିନୀ ଗଠନ କରିଥିଲେ । ସର୍ବସମ୍ମତି କ୍ରମେ ସୁଜିତ ଖଟୁଆଙ୍କୁ ସଭାପତି, ପ୍ରମୋଦ ସେଠୀ ସମ୍ପାଦକ ଓ କୈଳାସ ସାହୁଙ୍କ କୋଷାଧକ୍ଷ ଚୟନ କରାଯାଇଥିଲା । ସକ୍ରିୟ ସଦସ୍ୟ ଭାବେ ଦଶରଥ ପାଢ଼ୀ, ପ୍ରମୋଦ ଗୁରୁ, ପଞ୍ଚାନନ ମହାକୁଡ, ନାରାଣ ବେହେରା, ସଦାନନ୍ଦ ସାହୁଙ୍କୁ ଚୟନ କରାଯାଇଛି ।

### ପୂର୍ବ ଶତ୍ରୁତାରୁ ୨ପରିବାର ମଧ୍ୟରେ ମାରପିଟ

**ବୀରମହାରାଜପୁର, ୧୪।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ଟିଠିପାଲି ଗ୍ରାମରେ ପୂର୍ବ ଶତ୍ରୁତାରୁ ଦୁଇ ପରିବାର ମଧ୍ୟରେ ମାରପିଟ ଘଟିଛି। ଲିଙ୍ଗରାଜ ଅମାତଙ୍କ ସ୍ତ୍ରୀ ସବିତା ବୀରମହାରାଜପୁର ଥାନାରେ ଗୁରୁବାର ରାତିରେ ଦାଏର କରିଥିବା ଏତଲା ଅନୁଯାୟୀ ପ୍ରତିପକ୍ଷ ପରିବାରର ସଦସ୍ୟମାନେ ସଂଘବଦ୍ଧ ଭାବେ ଲିଙ୍ଗରାଜଙ୍କୁ ଆକ୍ରମଣ କର ୨ ହଜାର ଟଙ୍କା ଲୁଟି ନେଇଥିଲେ। କେବଳ ସେତିକି ନୁହେଁ ସବିତ ମଧ୍ୟ ସେମାନଙ୍କ ଅସଦ ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ କରାଯାଇଛି। ଏ ନେଇ ଦଫା ୩୪୧,୩୦୭, ୩୭୯, ୩୫୪, ୩୨୩, ୫୦୬, ୩୪ରେ ଏକ ମାମଲା (ନଂ.୧୩୦/୧୮) ରୁଜୁ ହେଇଛି। ଅଭିଯୁକ୍ତ ବନମାଳୀ ମେଣ୍ଡିଲି, ବୀରବଲ ମେଣ୍ଡିଲି, ଶିଶିର ମେଣ୍ଡିଲି ଏବଂ ସହଯୋଗୀ ଉମେଶ ଖମାରୀଙ୍କ ମଧ୍ୟରୁ କେହି ବି ଏ ପର୍ଯ୍ୟନ୍ତ ଗିରଫ ହୋଇ ନ ଥିବା ଜଣାପଡିଛି। ଉକ୍ତ ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଛି।

### ବିବାହିତ, ଅବିବାହିତ ଫୁଟବଲ ମ୍ୟାଚ

**ଦେଓଗାଁ,୧୪।୯(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳ ପଡିଆରେ ନୂଆଁଖାଇ ଅବସରରେ ବିବାହିତ ଓ ଅବିବାହିତ ମାନଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବିବାହିତ ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲେ। ଖେଳକୁ ସୁମନ୍ତ ସାହୁ, କାର୍ତ୍ତିକ ମଲ୍ଲିକ ଓ ଧିରାଜ ଦଲାଇ ପ୍ରମୁଖ ପରିଚାଳନା କରିଥିଲେ ।



ନୂଆଁଖାଇରେ ବଲାଙ୍ଗୀରର ଇଷ୍ଟଦେବୀ ମା'ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି ।



ପୁଇଁତଲା ଆଠଗାଁ ମହାଦେବ ପାଲିଠାରେ ଆଦିବାସୀ ପରିବାର ନିଜ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।

■ ବଲାଙ୍ଗୀରରେ ଉତ୍ସାହ ଉଦ୍ଦୀପନାର ସହ ନୂଆଁଖାଇ ପାଳିତ

# ରୋମାଞ୍ଚିତ କଲା ନୂଆଁଖାଇ ଜୁହାର ଭେଟ୍

■ ଗ୍ରାମ ଇଷ୍ଟ ଦେବଦେବୀଙ୍କୁ ନବାନ୍ନ ଅର୍ପଣ
■ ବିରୋଧିଦଳ ନେତା, ରାଜପରିବାର ପାଳିଲେ ନୂଆଁଖାଇ

**ବଲାଙ୍ଗୀର ଅଫିସ, ୧୪।୯**

ବଲାଙ୍ଗୀରରେ ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ ନୂଆଁଖାଇ ପାଳନ କରାଯାଇଛି। ଶୁକ୍ରବାର ସକାଳୁ ବଲାଙ୍ଗୀର ସହର ଚଳଚଞ୍ଚଳ ହୋଇ ଉଠୁଥିଲା । ସହରର ଇଷ୍ଟଦେବୀ ପାଟଣେଶ୍ୱରୀ, ସମଲେଶ୍ୱରୀ ମନ୍ଦିରରେ ପାରମ୍ପରିକ ବିଧି ଅନୁସାରେ ଲଗ୍ନରେ ନୁଆଚୂଡ଼ା ଓ ନବାନ୍ନ ଲାଗିଥିଲା। ଏହା ସହିତ ସହରର ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ବିଧି ଅନୁଯାଇ ପୂଜାର୍ଚ୍ଚନା ଓ ନବାନ୍ନ ଲଗାଯାଇଥିଲା । ପ୍ରତ୍ୟକ ଘରେ ପାରମ୍ପରିକ ରୀତିନୀତିରେ ନିଜ ଇଷ୍ଟ ଦେବାଦେବୀଙ୍କଠାରେ ନବାନ୍ନ ଲଗାଯିବା ପରେ ପରିବାର ସଦସ୍ୟମାନେ ମିଳିମିଶି ନୂଆଁ ଖାଇଥିଲେ । ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛତାମଖନାରେ ବିରୋଧି ଦଳ ନେତା ତଥା ବିଧାୟକ ନରିସିଂହ ମିଶ୍ର ପରିବାର ସହ ନୂଆଁ ଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପ ନେତା ବାସୁଦେବ ପତି, ଗୋପାଳଜୀ ପାଣିଗ୍ରାହୀ, ସୁଧିର ପରିଚ୍ଛା, ଲକ୍ଷ୍ମଣ ମେହେର, ପୌରାଧକ୍ଷା ସନ୍ତୋଷିନୀ ବେହେରା ନିଜ ନିଜ ପରିବାର ସଦସ୍ୟଙ୍କ ସହିତ ନୂଆଁ ଖାଇଥିଲେ । ସେହିପରି ଶୈଳେଶ୍ରୀ ପ୍ୟାଲେସରେ ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ, ପୂର୍ବତନ ଏମପି ସଙ୍ଗୀତା ସିଂଦେଓ, ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ବିଜୟଲକ୍ଷ୍ମୀ ଦେବୀ, ଅର୍କେଶ ନାରାୟଣ ସିଂଦେଓ, ଅଦିରିଜା ମଞ୍ଜୁରୀ ସିଂଦେଓ, ନିବୃତି ସିଂଦେଓ ମିଳିତ ଭାବେ ନୂଆଁଖାଇଥିଲେ। ନୂଆଁଖାଇ ସାରିବା ପରେ ଜନସାଧାରଣ ନିଜ ଘରୁ ବାହାରି ଜୁହାର ଭେଟ ହୋଇଥିଲେ । ସାମୂହିକ ଜୁହାର ଭେଟ ଦୃଶ୍ୟ ସହରରେ ଭାବମୟ ପରିବେଶ ସୃଷ୍ଟି କରିଥିଲା । ଲୋକେ ପରସ୍ପର ଭାବର ଆଦାନ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ବିଭିନ୍ନ ପଡାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଆଖପାଖ ଗାଁରେ ମଧ ଅତ୍ୟନ୍ତ ଉତ୍ସାହର ସହିତ ନୂଆଁଖାଇ ପାଳିତ ହୋଇଛି । ଆଠଗାଁ ନିକଟସ୍ଥ ମାହାଦେବ ପାଲିଠାରେ ଆଦିବାସୀ ସଂସ୍କୃତି ଅନୁଯାୟୀ ପାରିମ୍ପରିକ ରୀତିରେ ନିଜ ଇଷ୍ଟଦେବୀଙ୍କୁ ପୂଜା କରି ନୂଆଁଖାଇ ପାଳନ କରାଯାଇଛି।

### ଟ୍ରକ ଧକ୍କାରେ ବୋଲୋରୋ ଚୁରମାର, ଜଣେ ମୃତ

**ଲୋଇସିଂହା, ୧୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ୨୬ନଂ ଜାତୀୟ ରାଜପଥର ବୁର୍ଡା ନିକଟରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଗ୍ୟାସ ବୋଝେଇ ଟ୍ରକ ଧକ୍କାରେ ଏକ ବୋଲେରୋ ଚୁରମାର ହୋଇଛି। ବୋଲେରୋରେ ୩ଜଣ ଥିବା ବେଳେ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର ଯୋଗୀସର୍ଡାରେ ବୋଲି ଜଣାପଡିଛି। ଏଥିରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ଲୋଇସିଂହା ଥାନା ପୋଲିସ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଲାଙ୍ଗୀର ପଠାଇଛି। ମୃତଦେହ ଲୋଇସିଂହା ଡାକ୍ତରଖାନାରେ ରଖାଯାଇଛି। ଅପରପକ୍ଷରେ ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକକୁ ନେଇ ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ଘଟଣାସ୍ଥଳରୁ ୨କିମି ଦୂର ଲୋଇସିଂହା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ଗ୍ୟାସ ଲିକ୍ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି

**ଅମରପାଲି, ୧୪।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ଗାଁ କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାର୍ଷିକ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ୱାର୍ଡସଭ୍ୟା ରମ୍ଭା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଶାକର୍ମୀ ଅରୂପା ନାଏକ ଓ ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ବିଶ୍ୱନାଥ ମହାକୁର ସମିତିର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ମାଲପଡ଼ା ଗ୍ରାମବାସୀ ଏକତ୍ର ପାଳିଲେ ନୂଆଁଖାଇ



ମଞ୍ଚାସୀନ ଅତିଥିଗଣ ।

**ସଇଁତଲା, ୧୪।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବୁଢ଼ାବାହାଲ ପଞ୍ଚାୟତ ଅନ୍ତର୍ଗତ ମାଲପଡ଼ା ଗ୍ରାମବାସୀ ଏକତ୍ର ମିଶି ଶୁକ୍ରବାର ନୂଆଁଖାଇ ପର୍ବ ପାଳନ କରିଛନ୍ତି। ଗ୍ରାମର ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଓ ଛୋଟଛୋଟ ପିଲା ଗ୍ରାମଦେବୀଙ୍କଠାରେ ନୂଆଁ ଅନ୍ନ ଲଗାଇଲା ପରେ ଏକତ୍ର ମିଶି ଏହି ଉତ୍ସବ ପାଳନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲା ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଇଁତଲା ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝୀ, ଜିଲା କଂଗ୍ରେସ ମିଡ଼ିଆସେଲ ପ୍ରଭାରୀ ଚନ୍ଦ୍ର ଚନ୍ଦନ, ହୃଦାନନ୍ଦ ଗଡ଼ତିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏକତ୍ର ନୂଆଁଖାଇ ପର୍ବ ପାଳନ କରିଥିବାରୁ ଗ୍ରାମବାସୀଙ୍କୁ ଅତିଥିମାନେ ଧନ୍ୟବାଦ ଦେଇଥିଲେ। ବ୍ଲକ ଅଞ୍ଚଳରେ ଏହା ଏକ ନୂତନ ପରମ୍ପରା ସୃଷ୍ଟି କରିଛି ବୋଲି କହିଥିଲେ। ଗ୍ରାମର ଗରୁଡ଼ ସାହୁ ଓ ଅର୍ଜୁନ ସାହୁ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ମଞ୍ଚାସୀନ ଅତିଥିଗଣ ।

## ଶିରାବାହଲ: ଜାତିଭେଦ ଭୁଲି ଏକାଠି ଖାଇଲେ

**ବଲାଙ୍ଗୀର ଅଫିସ, ୧୪।୯**

ଯେଉଁ ମହାନ ଉଦ୍ଦେଶ୍ୟ ନେଇ ନୂଆଁଖାଇ ତିହାରର ପରିକଳ୍ପନା ତାକୁ ସାକାର ରୂପ ଦେଉଛନ୍ତି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲ ଗ୍ରାମବାସୀ । ଗତ ୧୧ବର୍ଷ ହେଲା ଏହି ଗ୍ରାମବାସୀ ଜାତିପ୍ରଥାର ଘୃଣ୍ୟ ପରମ୍ପରାକୁ ପଛରେ ପକାଇଦେଇ ନୂଆଁଖାଇ ଦିନ ସମାଜବାଦ ଓ ମାନବବାଦର ମହାନ ବାର୍ତ୍ତା ଦେଇଆସୁଛନ୍ତି । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ବହୁ ଊର୍ଦ୍ଧ୍ୱକୁ ଉଠି ଏହି ଗ୍ରାମବାସୀ ସାମୂହିକ ନୂଆଁଖାଇ ପାଳନ କରି ନୂଆଁଖାଇ ତିହାରର ଅସଲ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି । ୧୧ବର୍ଷ ତଳେ ଆରମ୍ଭ ହୋଇଥିବା ଶିରାବାହାଲ ଗାଁର ଏହି ସାମୂହିକ ନୂଆଁଖାଇ ତିହାର ଏବେ ଆଖପାଖ ଅଞ୍ଚଳରେ ଏହି ଗ୍ରାମବାସୀଙ୍କ ଏଭଳି ମହନୀୟ ଉଦ୍ୟମକୁ ପ୍ରଶଂସା କରି ସେମାନଙ୍କଠାରୁ ପ୍ରେରଣା ନେଉଛନ୍ତି।

ଏକ ଦଶନ୍ଧି ତଳେ ଏହି ଗାଁରେ ଥିବା ୫/୬ ଟି ସାହୁ ପରିବାର ଏକାଠି ମିଶି ନୂଆଁଖାଇ ପାଳନ କରିବା ପରେ ଶିରାବାହାଲ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ପରାମର୍ଶକ୍ରମେ ଗାଁଲୋକେ ସାମୂହିକ ନୂଆଖାଇ ପାଇଁ ସିଦ୍ଧାନ୍ତ ନେଇଥିଲେ । ୨୦୦୮ରେ ଗାଁରେ ପ୍ରଥମ ଥର ପାଇଁ ଏହି ନିଆରା ପରମ୍ପରା ଆରମ୍ଭ ହେଲା । ଯୁବସମାଜ ଏବଂ କ୍ଲବ ସଦସ୍ୟଙ୍କ ସକ୍ରିୟ ଓ ଆନ୍ତରିକ ଉଦ୍ୟମ ଫଳରେ ଜାତି, ଧର୍ମ, ଉଚ୍ଚନୀଚ ଭେଦଭାବ ଭୁଲି ସାମୂହିକ ନୂଆଁଖାଇ ସମ୍ପୂର୍ଣ୍ଣ ସଫଳ ହୋଇଥିଲା । ଗାଁରେ ଥିବା କୁଲତା, ବ୍ରାହ୍ମଣ, ହରିଜନ, କନ୍ଧ, କେଉଁଟ, ତେଲି, ଧୁବା ଜାତିର ଲୋକେ ସମସ୍ତେ ମିଳିମିଶି ସେଦିନ ଗାଁ ମଝି ରାସ୍ତାରେ ବସି ନୂଆଁ ଖାଇଥିଲେ। ସେହିଦିନଠାରୁ ପ୍ରତିବର୍ଷ ଏଭଳି ସାମୂହିକ ନୂଆଁଖାଇ ଗାଁରେ ପାଳିତ ହୋଇଆସୁଛି ଓ ଆବାଳବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରୁଛନ୍ତି । ଚଳିତବର୍ଷ ମଧ ନୂଆଁଖାଇ ମାସକ ପୂର୍ବରୁ ସାମୂହିକ ନୂଆଁଖାଇ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଗାଁର ମଧ୍ୟଭାଗରେ ଥିବା ଭାଗବତ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ନୂଆଁଖାଇ ଲଗ୍ନ ସ୍ଥିର କରାଯିବା ସହ ପ୍ରତ୍ୟେକ ପରିବାର ପିଛା କେତେ ସହଯୋଗ ରାଶି ଦେବେ ତାହା ନିର୍ଦ୍ଦିଷ୍ଟରେ ହୋଇଥିଲା। ଏହାପରେ ନୂଆଁଖାଇର ୭/୮ ଦିନ ପୂର୍ବରୁ ଆଉ ଏକ ବୈଠକ ଅନୁଷ୍ଠିତ ହୋଇ କିଭଳି ବ୍ୟଞ୍ଜନ ସବୁ ପ୍ରସ୍ତୁତ ହେବ ତାହା ସ୍ଥିର କରାଯାଇଥିଲା । ଶୁକ୍ରବାର ସକାଳେ ବିଧିମତେ ନୂଆଁଖାଇ ଲଗ୍ନ ଅନୁଯାୟୀ, ଗାଁର ଝାଙ୍କର ଶିରାବାହାଲ ଗାଁର ଗ୍ରାମଦେବୀ କନ୍ଧେନବୁଢୀ ପାଖରେ ନବାନ୍ନ ଅର୍ପଣ କରିଥିଲେ। ଗ୍ରାମଦେବୀଙ୍କ ପାଖରେ ନବାନ୍ନ ଅର୍ପଣ ପରେ ଗାଁ ଭାଗବତ ମନ୍ଦିର ପ୍ରାଙ୍ଗଣରେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ଏକତ୍ରିତ ହୋଇ ଧାଡିରେ ବସିଥିଲେ । ପ୍ରଥମେ ଗ୍ରାମଦେବୀଙ୍କ ପାଖରେ ଅର୍ପଣ କରାଯାଇଥିବା ନବାନ୍ନକୁ ଗ୍ରାମବାସୀଙ୍କୁ ପ୍ରସାଦ ଆକାରରେ ବଣ୍ଟାଯାଇଥିଲା । ଏହାପରେ ଆରମ୍ଭ ହୋଇଥିଲା ଭୋଜିଭାତର ଆସର । ଗାଁର ପୁରୁଷ, ମହିଳା ଓ ପିଲାଛୁଆ ଧାଡିରେ ବସିଲା ପରେ ସଭିଁଙ୍କୁ ସୁସ୍ୱାଦୁ ଖାଦ୍ୟ ଖାଦ୍ୟପେୟ ପରସା ଯାଇଥିଲା । ଏହି ଭୋଜିଭାତର ବ୍ୟବସ୍ଥା ପାଇଁ ବଡ଼ି ଭୋରରୁ ଯୁବସମାଜ ନେତୃତ୍ୱରେ ଭାଗବତ ମନ୍ଦିର ପାଖରେ ରନ୍ଧୁଣିଆ ଲଗାଯାଇ ଗାଁର ସଭିଁଙ୍କ ପାଇଁ ରନ୍ଧବଢ଼ା ବ୍ୟବସ୍ଥା କରାଯାଇଥିଲା । ପୂର୍ବାହ୍ନ ୧୨ଟା ୩୦ରୁ ଆରମ୍ଭ ହୋଇଥିବା ଭୋଜିଭାତ କାର୍ଯ୍ୟକ୍ରମ ଅପରାହ୍ଣ ୩ଟା ଯାଏ ଚାଲିଥିଲା । ଅପରାହ୍ଣରେ ନୂଆଁଖାଇ ଜୁହାର ଓ ଭେଟଘାଟ୍ ଆରମ୍ଭ ହୋଇଥିଲା। ବଡଲୋକଙ୍କୁ ସାନମାନେ ନୂଆଖାଇ ଜୁହାର ଜଣାଇଥିଲେ । ଗଉଁତିଆ ରାଜେନ୍ଦ୍ର ପ୍ରସାଦ ସାହୁ ଓ ବଳଦେବ ସାହୁ, ରାଜେନ୍ଦ୍ର ସ୍ୱାଇଁ, ମନୋଜ ନାଏକ, ଉଗ୍ରେସନ ନାଏକ, ସତ୍ୟପ୍ରସାଦ ସ୍ୱାଇଁ, କମ୍ପ ପ୍ରଧାନ, ନନ୍ଦିକିଶୋର ସାହୁ ଓ ନିହାର ସାହୁ ଓ ଗ୍ରାମବାସୀ ସହଯୋଗ କ୍ରମେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯକ୍ରମ ଆୟୋଜନ କରିଥିଲେ।



ଦେଓଗାଁ ରଣାପଡାରେ ପଡାବାସୀ ସାମୂହିକଭାବେ ନୂଆଁ ଖାଉଛନ୍ତି ।

## ରଣାପଡ଼ାବାସୀ ପାଳିଲେ ସାମୂହିକ ନୂଆଁଖାଇ

**ଦେଓଗାଁ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ କଛାରପାଲିସ୍ଥିତ ରଣାପଡାରେ ପ୍ରତିବର୍ଷ ପରି କୁରାଲ ପାଠାଗାରର କର୍ମକର୍ତ୍ତାଙ୍କ ଆୟୋଜନରେ ପଡାବାସୀ ଏକତ୍ରୀତ ହୋଇ ଏହିପର୍ବକୁ ପାଳନ କରିଛନ୍ତି । ନିଜନିଜ ଘରେ ପୂଜାର୍ଚ୍ଚନା ଓ ନବାର୍ଣ୍ଣ ଲାଗି ପରେ ପାଠାଗାର ପ୍ରାଙ୍ଗଣରେ ପଡାର ସମସ୍ତ ପରିବାରର ସଦସ୍ୟାସଦସ୍ୟ ଏକତ୍ରିତ ହୋଇ ନୂଆଁ ଖାଇଥିଲେ । ଜୟନ୍ତ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଡା. ଶଶୀଭୂଷଣ ସାହୁ, ସମ୍ମାନୀତଭାବେ ବେଦବର ସାହୁ ପ୍ରମୁଖ ଯୋଗଦେଇ ପଡାବାସୀଙ୍କ ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ପରେ ସାନମାନେ ବଡମାନଙ୍କୁ ଜୁହାର ଭେଟ ହୋଇ ଆଶୀର୍ବାଦ ନେଇଥିଲେ ।

## ଏକଲବ୍ୟ କ୍ଲବ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା



ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୧୪।୯(ଡି.ଏନ.ଏ.)**

ଲୋଇସିଂହା ନୂଆପଡା ଏକଲବ୍ୟ କ୍ଲବ ଆନୁକୂଲ୍ୟରେ ଗଣେଶ ପୂଜା ଓ ନୂଆଁଖାଇ ପାଇଁ ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ଗଣେଶ ପୂଜା ସନ୍ଧ୍ୟାରେ ଜୁନିୟର ଓ ସିନିୟର ବିଭାଗରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୨୪ ପ୍ରତିଯୋଗୀ ଏକକ ଓ ଦଳଗତ ନୃତ୍ୟରେ ଭାଗ ନେଇଥିଲେ। ଜୁନିୟର ବିଭାଗରେ ସ୍ନେହାଶ୍ରୀ ମେହେର ପ୍ରଥମ, ଗୁନଗୁନ ବିଶି ଦ୍ୱିତୀୟ ଏବଂ ସ୍ନେହାଶ୍ରୀ ମେହେର ତୃତୀୟ ହୋଇଥିଲେ। ସିନିୟର ବିଭାଗରେ ଅଜିତ ଡୁଗ୍ରୀ, ସନ୍ତୋଷ ପୋଢ, ରୀନି ବିଷୋୟୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ପ୍ରତିଯୋଗିତାର ବିଚାରକଭାବେ ଗୌରୀଶଙ୍କର ବବେଜ ଓ ସୁରେଶ ନାଗ ଯୋଗଦେଇଥିଲେ । ଉତ୍ତମ କବାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁଶାନ୍ତ ବାରିକ, ଅଭିଳାଷ ହୋତା, ପ୍ରକାଶ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ଏଭଳି ପ୍ରତିଯୋଗିତା ମାଧ୍ୟମରେ କୁନିକୁନି ପିଲାଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥାଏ ବୋଲି ଅତିଥିମାନେ ମତଦେଇଥିଲେ । ଏହି ଅବସରରେ ୩ଜଣ ଯୁବ ଅତିଥିଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କହିଣ୍ଡା, ମାଗି ବଗର୍ତ୍ତୀ, ଅରକ୍ଷିତ ମେହେର,ସନ୍ତୋଷ ଝାଙ୍କର , ରମେଶ ଭୂଏ, ଗଙ୍ଗରାଜ ବିଶି, ଅନନ୍ତ ମେହେର ପ୍ରମୁକ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।

■ ପରିବାରରୁ ଦୂରରେ ରହି ପାଳିଲେ ନୂଆଁଖାଇ

## ଆତ୍ମୀୟଙ୍କୁ ମନେପକାଇ ଦୀର୍ଘାୟୁ କାମନା କଲେ ବୃଦ୍ଧାବୃଦ୍ଧ

**ଦେଓଗାଁ,୧୪।୯(ଡି.ଏନ.ଏ.)**



ସାଲେପାଲିସ୍ଥିତ ଜରାନିବାସରେ ବୃଦ୍ଧାବୃଦ୍ଧ ଅନ୍ତେବାସୀ ଏକାଠି ନୂଆଁଖାଉଛନ୍ତି।

ଦେଓଗାଁ ସାଲେପାଲିସ୍ଥିତ ଗ୍ରାମ ମଙ୍ଗଳ ପାଠାଗାର ତରଫରୁ ଚାଲିଥିବା ଜରାନିବାସରେ ଗଣପର୍ବ ନୂଆଁଖାଇ ଶୁକ୍ରବାର ପାଳିତ ହୋଇଯାଇଛି। ଆଶ୍ରମର ଅନ୍ତେବାସୀ ଏହି ଅବସରରେ ନିଜ ଆତ୍ମୀୟଙ୍କୁ ମନେପକାଇ ଦୁଃଖ କରିଥିଲେ ବି ସେମାନଙ୍କ ଦୀର୍ଘାୟୁ କାମନା କରିବାକୁ ଭୁଲି ନ ଥିଲେ। ଏହି ଦୃଶ୍ୟ ଉପସ୍ଥିତ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଏମାନଙ୍କ ଦେଖାଶୁଣା କରୁଥିବା ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ କ୍ଷିରୀପିଠା, ଭାତ, ଡାଲି ତରକାରୀ ଆଦି ବ୍ୟଞ୍ଜନ ରନ୍ଧାହେବା ପରେ ସମସ୍ତ ଅନ୍ତେବାସୀ ଇଷ୍ଟଦେବାଦେବୀଙ୍କୁ ନବାର୍ଣ୍ଣ ଅର୍ପଣ କରି ନୂଆଁ ଖାଇଥିଲେ । ୧୯୯୧ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱର୍ଗତ ଗାର୍ଗବ ପ୍ରସାଦ ମେହେରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା ଏହି ଜରାନିବାସ। ଏଠାରେ ବର୍ତ୍ତମାନ ୨ ୩ଜଣ ବୃଦ୍ଧା ଓ ୬ଜଣ ବୃଦ୍ଧ ଅନ୍ତେବାସୀ ରହୁଛନ୍ତି ।



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ। - ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଜାତୀୟ ବଡି ବିଲ୍ଡିଂ ଚାମ୍ପିୟନଶିପ୍ ଅକ୍ଟୋବର ୨୦ରେ

**ରାଉରକେଲା ଅଫିସ,୧୪।୯-** ଜାତୀୟ ବଡି ବିଲଡିଂ ସଂଘ ପକ୍ଷରୁ ଓଡ଼ିଶା ଶାଖାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଉପେନ୍ଦ୍ର ସିଂଙ୍କ ନେତୃତ୍ୱରେ ପରିଚାଳିତ ଓଡ଼ିଶା ସଂଗଠନର ପୂର୍ଣ୍ଣାଙ୍ଗ କମିଟି ଗଠନ କରିବା ନେଇ କେନ୍ଦ୍ରୀୟ କମିଟି ତାଙ୍କୁ ପରାମର୍ଶ ଦେଇଛି। ଏଥିସହ ଆସନ୍ତା ଅକ୍ଟୋବର ୨୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିୟନଶିପରେ ଓଡ଼ିଶାର ବଡି ବିଲ୍ଡର ଭାଗ ନେଇପାରିବେ ବୋଲି ସିଂ ସୂଚନା ଦେଇଛନ୍ତି।

### ଲେଫ୍ରିପଡ଼ାରେ ନୂଆଁଖାଇ ପର୍ବ

**ଲେଫ୍ରିପଡ଼ା,୧୪।୯(ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ୍ ଅଧୀନ ପ୍ରତ୍ୟେକ ଗ୍ରାମରେ ଆନନ୍ଦ ଉଲ୍ଲାସ ସହକାରେ କୃଷିଭିତିକ ଗଣପର୍ବ ନୂଆଁଖାଇ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରତ୍ୟେକ ମହିଳା ପୁରୁଷ ସକାଳୁ ଗାଧୋଇ ନିଜ ଆରାଧ ଦେବୀଦେବଙ୍କୁ ପୂଜା କରି ନୂଆ ଚାଉଳ ଭୋଗ ଲଗାଇ ଥିଲେ। ଏପରି କି ଚାଷ ଜମିରେ ମଧ ପୂଜାର୍ଚ୍ଚନା କରିଥିଲେ। ପରେ ପରିବାର ସସଦ୍ୟ ଏକାଠି ନୂଆଁଖାଇ ଥିଲେ। ପରମ୍ପରାରେ ଅନୁଯାୟୀ ଛୋଟମାନେ ବଡମାନଙ୍କୁ ପ୍ରଣାମ କରି ଆଶିର୍ବାଦ ଲାଭ କରିଥିଲେ। ଅପରାହ୍ନରେ ନୂଆଁଖାଇ ଜୁହାର ଆଦନ ପ୍ରଦାନ ମାଧମରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସଂକୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରିଥିବା ବେଳେ ଅନେକ ଗ୍ରାମରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଣପର୍ବ ନୂଆଖାଇ ସମେତ ଗଣେଶ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଲୋକେ ଏହାର ମଜା ଉଠାଇଥିଲେ।

# ରାଉରକେଲାକୁ ନୂତନ ଜିଲା ଘୋଷଣା କର

## ■ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ବିଧାୟକ ଦିଲୀପ ରାୟ

**ରାଉରକେଲା ଅଫିସ,୧୪।୯**

ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପ୍ରାୟ ୨୫ବର୍ଷ ପୂର୍ବେ ସୁରେନ୍ଦ୍ରନାଥ ନାୟକ ରାଜସ୍ୱ ମନ୍ତ୍ରୀ ଥିବାବେଳେ ଏକ ଐତିହାସିକ ନିଷ୍ପତ୍ତି କ୍ରମେ ଓଡ଼ିଶାର ଜିଲା ସଂଖ୍ୟା ୧୩ରୁ ୩୦କୁ ବୃଦ୍ଧି କରାଯାଇଥିଲା। ଏବେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଅନ୍ତତଃ ରାଉରକେଲା ସମେତ ଆଉ ୩ ନୂଆ ଜିଲା ସୃଷ୍ଟି କରିବାକୁ ବିଧାୟକ ଦିଲୀପ ରାୟ ବିଧାନସଭାରେ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିଜୁବାବୁଙ୍କ ସମୟରେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଭଳି ୩ ବଡ଼ ଜିଲାକୁ ବିଭାଜନ କରାଯାଇ ନ ଥିଲା। ପୁରୀ ଜିଲାକୁ ବିଭାଜନ କରି ୩ ନୂଆ ଜିଲା ଗଠନ କରାଯାଇଥିଲା। ସେହିପରି କଟକକୁ ବିଭାଜନ କରି ୪, ସମ୍ବଲପୁରକୁ ବିଭାଜନ କରି ୪ ଓ କୋରାପୁଟ ଜିଲାକୁ ବିଭାଜନ କରି ୪ଟି ଜିଲା ଗଠନ କରାଯାଇଥିଲା। ଅନ୍ୟ ସମସ୍ତ ଜିଲାକୁ ମଧ ବିଭାଜନ କରାଯାଇ ଛୋଟ ଜିଲା ଗଠନ କରାଯାଇଥିଲା। ଏହା ଦ୍ୱାରା ପ୍ରଶାସନ କିପରି ଲୋକଙ୍କ ନିକଟତର ହୋଇପାରିବ ସେ ଦିଗରେ ବିଜୁବାବୁ ଚିନ୍ତା କରିଥିଲେ। ତେବେ ୧୯୯୫ରେ ପୁଣି ବିଜୁବାବୁଙ୍କ ସରକାର ଆସିଥିଲେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝରକୁ ପୁନର୍ଗଠନ କରାଯାଇ ନୂଆ ଜିଲା ସୃଷ୍ଟି କରାଯାଇଥାନ୍ତା। କିନ୍ତୁ ଜନତା ଦଳ ପୁନର୍ବାର କ୍ଷମତାକୁ ନ ଫେରିବାରୁ ଏହି ପ୍ରକ୍ରିୟା ଅଧାରେ ରହିଯାଇଛି ବୋଲି ରାୟ ମତ ପ୍ରକାଶ କରିଛନ୍ତି। ଏ ନେଇ ବିଧାନସଭାରେ ରାୟ ବିଭାଗୀୟ ମନ୍ତ୍ରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ରାଉରକେଲା ସମେତ କେନ୍ଦୁଝର ଓ ମୟୁରଭଞ୍ଜ ଜିଲାର ବିଭାଜନ ସମ୍ପର୍କରେ ସେ ପ୍ରଶ୍ନ କରିଥିଲେ। ଏନେଇ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ନିଜ ଉତ୍ତରରେ କହିଥିଲେ ରାଉରକେଲାକୁ ସ୍ୱତନ୍ତ୍ର ଜିଲା ଘୋଷଣା କରିବା ଓ କେନ୍ଦୁଝର ତଥା ମୟୂରଭଞ୍ଜକୁ ବିଭାଜନ କରି ନୂଆ ଜିଲା ଗଠନ କରିବା ସମ୍ପର୍କରେ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ନାହିଁ। ଏ ସଂକ୍ରାନ୍ତରେ ବିଧାୟକ ରାୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ସରକାର ରାଉରକେଲାକୁ ପୋଲିସ ଜିଲା ମାନ୍ୟତା ଦେଇ ଏସ୍‌ପି ନିଯୁକ୍ତ କରିଛନ୍ତି। ଏହା ବ୍ୟତୀତ ରାଉରକେଲାରେ ଅତିରିକ୍ତ ଜିଲାପାଳଙ୍କ ଦପ୍ତର ରହିଛି। ଇସ୍ପାତନଗରୀ ରାଉରକେଲାରେ ଜିଲା ମୁଖ୍ୟ ଦପ୍ତର ପାଇଁ ସମସ୍ତ ପ୍ରକାର ଅନୁକୂଳ ଭିତ୍ତିଭୂମି ରହିଛି। ରାଉରକେଲା ଆଖପାଖର ବହୁ ବିଧାୟକ, ପଞ୍ଚାୟତ ତଥା ପୌର ସଂସ୍ଥାର ନିର୍ବାଚିତ ପ୍ରତିନିଧି ଦଳମତ ନିର୍ବିଶେଷରେ ରାଉରକେଲାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି କରୁଛନ୍ତି। ସୁନ୍ଦରଗଡ଼ ଏକ ଆଦିବାସୀ ବହୁଳ ଜିଲା। ଏଠାରେ ବିପୁଳ ପ୍ରାକୃତିକ ସମ୍ପଦ ରହିଥିବା ସତ୍ତ୍ୱେ ଏହା ଏବେ ବି ରାଜ୍ୟର ଅନ୍ୟତମ ଅନଗ୍ରସର ଜିଲା ହୋଇ ରହିଛି। ନୂତନ ଜିଲା ଗଠନ କରି ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରାଗଲେ ବଞ୍ଚିତ ଲୋକଙ୍କ ନିକଟରେ ବିକାଶର ଧାରା ପହଞ୍ଚିପାରିବ ବୋଲି ରାୟ ଏକ ବିବୃତିରେ ପ୍ରକାଶ କରିଛନ୍ତି।



ମୂର୍ଚ୍ଛନା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ମୂର୍ଚ୍ଛନା ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ୧୬ରେ

**ରାଉରକେଲା ଅଫିସ,୧୪।୯**

ସଙ୍ଗୀତ ପ୍ରତି ସମର୍ପିତ ଅନୁଷ୍ଠାନ ମୂର୍ଚ୍ଛନା ପକ୍ଷରୁ ଆସନ୍ତା ୧୬ ତାରିଖ ସନ୍ଧ୍ୟାରେ ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ରାଗ ୟମନ କଲ୍ୟାଣ ଉପରେ ହିନ୍ଦୀ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ଏଥିରେ ସୁନ୍ଦରଗଡ଼ ଜିଲା ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କଳାକାର ଯୋଗଦେବେ। ଏହି ଅବସରରେ କେତେଜଣ ପ୍ରତିଷ୍ଠିତ କଳାକାରଙ୍କୁ ମୂର୍ଚ୍ଛନା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତ ଲକ୍ଷ୍ମୀନାରାୟଣ ଦୋରା, କଳ୍ପନା ଶତପଥୀ, ଅରୁନ୍ଧତି ବିଶ୍ୱାଳ ଓ ଶ୍ୟାମସୁନ୍ଦର ପଟ୍ଟନାୟକ।

# ସମଲେଇ ପୀଠରେ ନୂଆଖାଇ

**ରାଉରକେଲା ଅଫିସ,୧୪।୯**

ସେକ୍ଟର-୬ ସମଲେଇ ଶକ୍ତିପୀଠରେ ନୂଆଖାଇ ଉତ୍ସବ ପାଳିତ ହୋଇଛି। ରାଉରକେଲା ଯୁବଶକ୍ତି ସଭାପତି ବ୍ୟାସଦେବ ନାଥଙ୍କ ତତ୍ତ୍ୱାବଧାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୀତିନୀତି ଅନୁସାରେ ମା'ଙ୍କ ପାଖରେ ଭୋଗ ଲାଗି କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ସଭାପତି ନାଥ ସମସ୍ତଙ୍କୁ ନୂଆଖାଇର ଅଭିନନ୍ଦନ ଜ୍ଞାପନ କରିବା ସହ ପରିବାରର ମଙ୍ଗଳ କାମନା କରିଥିଲେ। ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ନୂଆ ଧାନରୁ ପ୍ରସ୍ତୁତ ଚାଉଳରେ ମା'ଙ୍କୁ ପ୍ରଥମ ଭୋଗ ଅର୍ପଣ କରାଯାଇଥିଲା। ସମ୍ମାନିତ ଅତିଥି ରୂପେ ହରି ରାଉତରାୟ, ପୂର୍ବତନ ନଗରପାଳ ରମେଶ ବଳ, ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତିଙ୍କ ସମେତ ରାଜେନ୍ଦ୍ର ମହାପାତ୍ର, କେ.ଏନ୍ ଚୌବେ, ସଞ୍ଜୀବ ମିଶ୍ର, ସବିତା ଖାତୁନ, ମିନାକ୍ଷୀ ମିଶ୍ର, ସାମୁଏଲ ହରିପାଲ, ଆନନ୍ଦ ବାଗ, କିଶୋର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।



ସେକ୍ଟର-୬ ସମଲେଶ୍ୱରୀ ମନ୍ଦିରରେ ନୂଆଖାଇ ଅବସରରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା।

## କୂଅରେ ପଡ଼ି ଶିଶୁ ମୃତ

**କୁଆଁରମୁଣ୍ଡା,୧୪।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଭାଲୁଲତା ଗ୍ରାମର ଜନ୍‌ସନ୍ ଡୁଙ୍ଗଡୁଙ୍ଗଙ୍କ ୩ ବର୍ଷର ପୁଅ ଆଲେକ୍ସ ଗୁରୁବାର ସନ୍ଧ୍ୟାରେ କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଏ ନେଇ ରାଏବୋଗା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୮) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୫ରୁ ୭ ଜଣ ପିଲାମାନଙ୍କ ସହ ଆଲେକ୍ସ ନିଜ ଘର ପାଖ ପଡ଼ିଆରେ ଖେଳୁଥିଲେ। ସେତିକିବେଳେ ପାଖରେ ଥିବା ଏକ ଖୋଲା କୂଅରେ ପଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ପାଟି କରି ନିକଟରେ ଥିବା ସରୋଜିନୀ ବିଲୁଙ୍ଗଙ୍କୁ ଜଣାଇବା ପରେ ପରିବାର ଲୋକେ ପହଞ୍ଚି ଆଲେକ୍ସଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମୋ ରାଉରକେଲା

### ସମସ୍ତଙ୍କୁ କୋଳେଇ ନିଏ ଏ ମାଟି



ଷ୍ଟିଲ୍ ସିଟି ରାଉରକେଲାରେ ୫୦ବର୍ଷ କଟିଲାଣି। ଆର୍‌ଏସ୍‌ପିରେ ବାପାଙ୍କ ଚାକିରି ଅମଳରୁ ମୁଁ ଏ ସହରକୁ ଆଦରି ନେଇଛି। ଏଇଠି ଶିକ୍ଷା ଓ ଚାକିରି ଜୀବନ। ଇତିମଧରେ ସହରର କଳେବର ଅନେକ ବୃଦ୍ଧି ପାଇଛି। ଜୀବନ ଜଞ୍ଜାଳର ଦୀର୍ଘ ପଥ ଅତିକ୍ରମ ସତ୍ତ୍ୱେ ସହରବାସୀଙ୍କ ଭଲପାଇବା, ଆପାଣପଣ ଓ ନିଃସ୍ୱାର୍ଥ ସହଯୋଗ ମୋତେ ଏଠି ପ୍ରତିଷ୍ଠିତ କରାଇଛି। ପିଲାଟି ବେଳୁ ଏଇ ମାଟିରେ ବଢ଼ିଛି। ଏଠିକା ପାଣି ପବନ ଓ ପରିବେଶ ମୋର ଅତି ଆପଣାର। ଭାଇଚାରା, କଳା, ସଂସ୍କୃତି, ସାହିତ୍ୟ ଓ ଆଞ୍ଚଳିକ ପର୍ବପର୍ବାଣିରେ ସହରବାସୀଙ୍କ ଐକ୍ୟ ମନୋଭାବ ଏ ସହରର ଏକ ଅନନ୍ୟ ପରମ୍ପରା। ଭେଦଭାବ ଶୂନ୍ୟ ଶୃଙ୍ଖଳିତ ରାଉରକେଲା ପରକୁ ଆପଣାଇବାରେ କେବେ କାର୍ପଣ୍ୟତା କରିନି। ବର୍ଷ ଭରି ମେଳା ମହୋତ୍ସବର ମାହୋଲ ଭିତରେ ଦିନ କାଟୁଥିବା ସହରବାସୀ ନାନା ଭାଷା ସମ୍ପ୍ରଦାୟକୁ ପଛରେ ପକାଇ ହାତରେ ହାତ ଛନ୍ଦି ଏକାଠି ଚାଲିବା ଶିଖିଛନ୍ତି। ସବୁଜ ବୃକ୍ଷରାଜି ସାଙ୍ଗକୁ ବ୍ୟବସ୍ଥିତ ଷ୍ଟିଲ ସିଟିର ରିଂ ରୋଡ୍, ପରିଚ୍ଛନ୍ନତା ମୋତେ ଖୁବ ଆକର୍ଷଣ କରେ। ଆହୁରି ଭଲ ଲାଗେ ବିଭିନ୍ନ ବସ୍ତି କଲୋନୀ ମଧରେ ରହିଥିବା ସ୍ନେହ ମମତା ଓ ଭ୍ରାତୃଭାବ। ଏଣୁ ରାଉରକେଲା ମୋର ଅତି ଆପଣାର ସହର।

**-ବିଜୟ ମହାନ୍ତି, ଆର୍‌ଏସ୍‌ପି କର୍ମଚାରୀ**

## ଆର୍‌ଏସ୍‌ପି ପକ୍ଷରୁ ରାଜଭାଷା ସଂକଳ୍ପ ଦିବସ

**ରାଉରକେଲା ଅଫିସ,୧୪।୯**

ଆର୍‌ଏସ୍‌ପି ଏଚ୍‌ଆର୍‌ଡି ସେଣ୍ଟରଠାରେ ଶୁକ୍ରବାର ରାଜଭାଷା ସଂକଳ୍ପ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗ ଇଡି ପି.କେ. ପ୍ରଧାନ ମୁଖ୍ୟଅତିଥି, ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ ସମ୍ମାନିତ ଅତିଥି, ଡ. ସୁଶୀଲ ଦାହିମା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସଞ୍ଚାର ବିଭାଗ ମିଖ୍ୟ ରମେନ୍ଦ୍ର କୁମାର ମଞ୍ଚାସୀନ ଥିଲେ। ଦେଶର ବିଭିନ୍ନ ଭାଷା ମଧରେ ସମ୍ପର୍କର ସେତୁ ସ୍ଥାପନ କରିବାରେ ଓ ସଂହତି ଆଣିବାରେ ହିନ୍ଦୀ ଭାଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟଅତିଥି ପ୍ରଧାନ ମତ ପ୍ରକାଶ କରିଥିଲେ। ରାଜଭାଷା କାର୍ଯ୍ୟାନ୍ୱୟନ ନିମନ୍ତେ ଆର୍‌ଏସ୍‌ପି ଦ୍ୱାରା ନିଆଯାଇଥିବା ସଫଳ ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରଧାନ ସମସ୍ତଙ୍କୁ ଓଡ଼ିଆରେ ରାଜଭାଷା ସଂକଳ୍ପ ଦିବସର ଶପଥପାଠ କରାଇଥିଲେ। ଜିଏମ୍ ଇନଚାର୍ଜ ଗୌତମ ବାନାର୍ଜୀ କମ୍ରଚାରୀ ଓ ଛାତ୍ରୀଛାତ୍ରଙ୍କ ମଧରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହର ଇଞ୍ଜିନିୟରିଂ ବିଭାଗକୁ ୨୦୧୭ ବର୍ଷ ପାଇଁ ସିଇଓ ରାଜଭାଷା ଟ୍ରଫି ପ୍ରଦାନ କରାଯାଇଥିଲା। ସହର ସେବା ଅଧିକାରୀ ଏନ୍.କେ. ସାମନ୍ତରାୟ ଓ ବିଭାଗୀୟ କର୍ମଚାରୀ ଏହି ଟ୍ରଫି ଗ୍ରହଣ କରିଥିଲେ।





ରାଜଭାଷା ସଂକଳ୍ପ ଦିବସ ପାଳନ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ବଢୁଛି ମଧୁମେହ ରୋଗୀ ସଂଖ୍ୟା





ରାଉରକେଲା ଡାଇବେଟିସ ଫୋରମ୍ ପକ୍ଷରୁ ରେଲୱେ କଲୋନୀଠାରେ ସଚେତନତା କାର୍ଯ୍ୟକ୍ରମ।

**ରାଉରକେଲା ଅଫିସ,୧୪।୯**

ମଧୁମେହ ରୋଗୀ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏନେଇ ଶୁକ୍ରବାର ସକାଳେ ଏକ ସଚେତନତା କାର୍ଯ୍ୟକ୍ରମ ରେଲୱେ କଲୋନୀ ଅଞ୍ଚଳରେ ଅନୁଷ୍ଠିତ ହୋଇଛି। ରାଉରକେଲା ଡାଇବେଟିସ ଫୋରମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ଏସ୍.କେ. ବଂଶଲ, ସମ୍ପାଦକ ଡ. ପି.କେ. ଦାସ ଯୋଗଦେଇଥିଲେ। ମଧୁମେହ

### ନିରାକରଣ ନେଇ ସଚେତନତା

ରୋଗ ନିୟନ୍ତ୍ରଣ ପ୍ରତି ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ। ପ୍ରତ୍ୟେକ ଦିନ ଚାଲିବା ଅଭ୍ୟାସ କିପରି ଜଣେ ମଧୁମେହ ରୋଗୀଙ୍କୁ ସୁସ୍ଥ ରଖିଥାଏ ସେ ନେଇ ଆଲୋଚନା କରିଥିଲେ ଦୁଇ ଡାକ୍ତର। ସହରର ଭିନ୍ନ ଭିନ୍ନ ସ୍ଥାନରେ ଏନେଇ ନିୟମିତ ସଚେତନତା ସୃଷ୍ଟି ଉପରେ ସଂଗଠନ ଗୁରୁତ୍ୱ ପ୍ରଦାନ କରୁଛି। ଏଣୁ ମଧୁମେହ ରୋଗୀ ଏଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ପରେ ସ୍ଥାନୀୟ ଇଲେକ୍ଟ୍ରିକାଲ ସିଷ୍ଟମ ଟ୍ରେନିଂ ସେଣ୍ଟରଠାରେ ଆୟୋଜିତ ସଭାରେ ଡ. ସୁଧୀର ସାମଲ, ଡ. ଅନୀଲ ଦତ୍ତଙ୍କ ସମେତ ଅନ୍ୟ ଡାକ୍ତର ଯୋଗଦେଇ ମଧୁମେହ ରୋଗ ଓ ଏହାର ପ୍ରତିରୋଧ ତଥା ସତର୍କତା ନେଇ ଆଲୋଚନ କରିଥିଲେ। ଯୋଗ ଶିକ୍ଷକ ସତ୍ୟନାରାୟଣ ତନ୍ତୀ, ଅଜୟ ରଥ ଓ ବିଶ୍ୱଜିତ ବଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଧରା ଦେଉନାହାନ୍ତି ଇଟାଭାଟି ମାଲିକ

### ■ ବକେୟା ନ ପାଇ ଶ୍ରମିକ ଥାନାର ଦ୍ୱାରସ୍ଥ

**ରାଉରକେଲା ଅଫିସ,୧୪।୯**

ବାସନ୍ତୀ କଲୋନୀର ଜଣେ ଇଟାଭାଟି ମାଲିକଙ୍କ ମିଛ ପ୍ରତିଶ୍ରୁତିରେ ପଡ଼ି ଝାଡ଼ଖଣ୍ଡରୁ ଆସି ଦର୍ଜି ଅଞ୍ଚଳରେ ଇଟା ଗଢୁଥିବା ଶ୍ରମିକ ଏବେ ପାଉଣା ନ ପାଇ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି। ଘଟଣା ନେଇ ଏମାନେ ପୂର୍ବରୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଜଣାଇଥିଲେ ମଧ ଆଜିପର୍ଯ୍ୟନ୍ତ ନ୍ୟାୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଦୁଇମାସ ପୂର୍ବେ ଏହି ଶ୍ରମିକମାନେ ଖାଇବାକୁ ନ ପାଇ ଝାଡ଼ଖଣ୍ଡ ଫେରି ଯାଇଥିଲେ। ପୁନର୍ବାର ୩ଲକ୍ଷ ଟଙ୍କା ବକେୟା ପାଇବା ଆଶାରେ ଶୁକ୍ରବାର ଉଦିତନଗର ଥାନାରେ ପହଞ୍ଚି ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ନାଁରେ ଅଭିଯୋଗ କରିଛନ୍ତି। ତେବେ ଘଟଣାଟି ଦର୍ଜି ଅଞ୍ଚଳର ହୋଇଥିବାରୁ ସମ୍ପୃକ୍ତ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ ଥାନାଧିକାରୀ। ଯୁବ ଶ୍ରମିକ ନେତା ତଥା ବିଧାୟକ ଦିଲୀପ ରାୟଙ୍କ ଶ୍ରମ ଦପ୍ତର ପ୍ରତିନିଧି ରମେଶ ସାହୁଙ୍କ ତତ୍ତ୍ୱାବଧାନାରେ ଆସିଥିବା ଅଭିଯେଗାକାରୀ ଝାଡ଼ଖଣ୍ଡ ଫେରିଯାଇଥିବା ଜଣାଯାଇଛି। ଏନେଇ ସାହୁଙ୍କୁ ପଚାରାଯିବାରୁ ସେ କହିଲେ, ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଧରାଛୁଆଁ ଦେଉନହାନ୍ତି। ଫଳରେ ନିଜ ବକେୟା ପାଇବାକୁ ଝାଡ଼ଖଣ୍ଡରୁ ଏହି ଶ୍ରମିକମାନେ ବାରମ୍ବାର ରାଉରକେଲା ଧାଉଁଛନ୍ତି। ଏନେଇ ଶ୍ରମିକ ସଂଗଠନ ପକ୍ଷରୁ ଠିକାଦାରଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି।

## କ୍ୟାନ୍‌ସର ରୋଗୀଙ୍କୁ ଗୁଣ୍ଡୁଚିର ସହାୟତା

**ରାଉରକେଲା ଅଫିସ,୧୪।୯**

ସ୍ୱେଚ୍ଛାସେବୀ ସଂଗଠନ ଗୁଣ୍ଡୁଚି ପକ୍ଷରୁ ଶୁକ୍ରବାର ଫର୍ଟିଲାଇଜର ଟାଉନଶିପ୍ ଅଞ୍ଚଳର ରଜନୀ ଜେନା ନାମକ ଜଣେ କ୍ୟାନସର ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ବେଳେ ରଜନୀ ଗୁଣ୍ଡୁଚି ଅନୁଷ୍ଠାନକୁ ସହାୟତା ପାଇଁ ନିବେଦନ କରିଥିଲେ। ଏହି ଅର୍ଥ ଶୁକ୍ରବାର ତାଙ୍କ ଶାଶୁ ଶାନ୍ତି ସାମଲଙ୍କୁ ଦିଆଯାଇଛି। ଆଗାମୀ ଦିନରେ ଗୁଣ୍ଡିଚି ଅନୁଷ୍ଠାନକୁ ଅଧିକ ସମୃଦ୍ଧ କରାଯାଇ ସହରର ଅସହାୟ ଦୁଃସ୍ଥ ଗରିବଙ୍କୁ ସହାୟତା କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନ ପକ୍ଷରୁ ସଭାପତି ପ୍ରଫେସର ଜେ.କେ. ରାଓ, ସାଧାରଣ ସମ୍ପାଦକ ଭଗବାନ ରାଉତ, ସତ୍ୟଜିତ ସୂତାର, ରାଜୀବଲୋଚନ ବେହେରା, ଅମୀୟ ଶତପଥୀ, କୈଳାସ ପାତ୍ର, ପ୍ରେମାନନ୍ଦ ବହିଦାର, ପୂର୍ଣ୍ଣଚନ୍ଦ୍ର ପଲାଇ, ସରୋଜ ପାତ୍ର ଓ ଭାଗୀରଥି ବେହେରା ପ୍ରମୁଖ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



କ୍ୟାନ୍‌ସର ପୀଡ଼ିତା ରଜନୀଙ୍କ ସମ୍ପର୍କୀୟଙ୍କୁ ଗୁଣ୍ଡୁଚି ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

## ଏକାଠି ନୂଆଁ ଖାଇଲେ ଗ୍ରାମବାସୀ

**ସବ୍‌ଡେଗା, ୧୪।୯ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗାରେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଶୁକ୍ରବାର ପାଳିତ ହୋଇଯାଇଛି। ଯୁବଗୋଷ୍ଠୀଙ୍କ ନେତୃତ୍ୱରେ ସବ୍‌ଡେଗା ପଞ୍ଚାୟତର ୧୪ଟି ୱାର୍ଡର ଜନସାଧାରଣ ସବ୍‌ଡେଗା ମଣ୍ଡପରେ ଏକାଠି ବସି ନୂଆ ଖାଇଥିଲେ। ପରେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇଥିଲେ। ଏହି ଅବସରରେ ୧୦ଜଣ ବୟୋଜ୍ୟେଷ୍ଠ ବୃଦ୍ଧାବୃଦ୍ଧଙ୍କୁ ଗାମୁଛା ଦେଇ ସମ୍ମାନିତ କରାଯାଇଥିଲା। ପରେ ମହିଳାଙ୍କୁ ନେଇ ମ୍ୟୁଜିକ ଚେୟାର ଓ ହୁଳହୁଳି ପ୍ରତିଯୋଗିତା ସହ ଛୋଟ ପିଲାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଚୁମନମଣି ପଟେଲ, ସୁଶୀଲ ଶତପଥୀ, ରବୀନ୍ଦ୍ର ପଟେଲ, ପ୍ରଦ୍ୟୁମ୍ନ ନାଏକ, ରାଜେଶ ପଟେଲ, ସୁଜିତ ପଟେଲ, ସୁଶାନ୍ତ ପଟେଲ, ବିଜିତ ପଟେଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ମଧୁବୈଶ୍ୟ ସମାଜ ପକ୍ଷରୁ ଗଣେଶପୂଜା

**ରାଉରକେଲା ଅଫିସ,୧୪।୯**

ସେକ୍ଟର-୨୦ ଗଣେଶ ମନ୍ଦିର ପରିସରରେ ମଧୁବୈଶ୍ୟ ସମାଜ ପକ୍ଷରୁ ନକୁଳ ସାହୁଙ୍କ ତତ୍ତ୍ୱାବଧାନରେ ଗଣେଶପୂଜା ମହାସମାରୋହରେ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ କହିଲେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗୋଟିଏ ଜାତି ବା ସମ୍ପ୍ରଦାୟ ସମୃଦ୍ଧ ହୋଇଥାଏ। ଯେଉଁ ବ୍ୟକ୍ତି ବା ଅନୁଷ୍ଠାନ ଏ ଦିଗରେ ପ୍ରୟାସ ଜାରି ରଖିଛନ୍ତି ସେମାନେ ବାସ୍ତବରେ ଧନ୍ୟବାଦର ପାତ୍ର। ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିଜ ଐତିହ୍ୟ ପରମ୍ପରାକୁ ଭୁଲିଯିବା ଉଚିତ ନୁହେଁ ବୋଲି ଓରାମ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ମଧୁବୈଶ୍ୟ ସମାଜ କର୍ମୀ, କର୍ମକର୍ତ୍ତା ଯୋଗଦେଇ ଗଜାନନଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରମୋଦ ସାହୁ ସଦସ୍ୟଙ୍କୁ ସ୍ୱାଗତ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ନିକୁଞ୍ଜ ସାହୁ ଓ କାଶୀନାଥ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମଧୁବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ଗଣେଶପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।



ଯେଉଁମାନେ କମ୍ କାମ କରନ୍ତି, ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ବିଜୟ୍ ହଜାରେ ଟ୍ରଫି ଖେଳିବେ ଅଙ୍କିତ

**ଝାରସୁଗୁଡ଼ା ଅଫିସ,୧୪।୯-** ପୂର୍ବତଟ ରେଳବାଇ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଝାରସୁଗୁଡ଼ାର କ୍ରିକେଟ ଖେଳାଳି ଅଙ୍କିତ ଯାଦବ ସର୍ବଭାରତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଏହି ମନୋନୟନ ଫଳରେ ସେ ଜାତୀୟ ସ୍ତରର ରେଳବାଇ ପକ୍ଷରୁ ୫୦ ଓଭର ବିଶିଷ୍ଟ ବିଜୟ୍ ହଜାରେ ଟ୍ରଫି ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଅଙ୍କିତଙ୍କ ଏହି ମନୋନୟନ ଯୋଗୁଁ ଜିଲାର କ୍ରିକେଟ ପ୍ରେମୀ ଏବଂ କ୍ରୀଡ଼ା ସଙ୍ଗଠନ ଖୁସିବ୍ୟକ୍ତ କରିଛନ୍ତି। ପୂର୍ବରୁ ଓସିଏ ପକ୍ଷରୁ ଖେଳୁଥିବା ଅଙ୍କିତ ବର୍ତ୍ତମାନ ପୂର୍ବତଟ ରେଳବାଇ ପକ୍ଷରୁ ଖେଳୁଛନ୍ତି।



### ଆଇବିବିୱାଇରେ ଓଡ଼ିଆ ଲେଖକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୪।୯(ବ୍ୟୁରୋ)-** ଓଡ଼ିଶାର ଜଣାଶୁଣା ଶିଶୁ ସାହିତ୍ୟିକ ରମେନ୍ଦ୍ର କୁମାରଙ୍କୁ ୩୬ତମ ଇଣ୍ଟରନ୍ୟାଶନାଲ ବୋର୍ଡ ଅନ୍ ବୁକ୍ସ ଫର୍ ୟଙ୍ଗ୍ ପିପୁଲ(ଆଇବିବିୱାଇ) କଂଗ୍ରେସରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଗ୍ରୀସ୍‌ର ଏଥେନ୍ସ ସହରରେ ଅନୁଷ୍ଠିତ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଏକମାତ୍ର ଭାରତୀୟ ଲେଖକ ଭାବେ ରମେନ୍ଦ୍ର ଏହି ସମ୍ମାନ ପାଇଛନ୍ତି। ଶିଶୁ ସାହିତ୍ୟ ଉପରେ ପର୍ଯ୍ୟବସିତ ୩ ଦିନିଆ ଆଇବିବିୱାଇ କଂଗ୍ରେସ ଚଳିତବର୍ଷ ୭୦ଟି ଦେଶର ୪୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କୁ ନେଇ ଆୟୋଜିତ ହୋଇଥିଲା। ଏଥିରେ ରମେନ୍ଦ୍ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଧ୍ୟକ୍ଷତା କରିବା ସହ 'ଦି ବ୍ରେଭ୍ ନ୍ୟୁ ୱାର୍ଲଡ ଅଫ୍ ଇଣ୍ଡିଆନ୍ ଚିଲ୍ଡ୍ରେନ୍ସ ଲିଟରେଚର' ବିଷୟବସ୍ତୁ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାସହ ଆଇବିବିୱାଇ ମଞ୍ଚରେ ସେ ଜଗନ୍ନାଥ ସଂସ୍କୃତିର ପ୍ରାଚୁର୍ଯ୍ୟତା ଓ ମହାନତା ସମ୍ପର୍କରେ କହିଥିଲେ। ଜଣେ ଶିଶୁ ସାହିତ୍ୟିକ ଭାବେ ପ୍ରାୟ ୩୩ଟି ପୁସ୍ତକ ରଚନା କରିଥିବା ରମେନ୍ଦ୍ର ଚିଲ୍ଡ୍ରେନ୍ସ ବୁକ୍ ଟ୍ରଷ୍ଟ(ସିବିଟି) ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ୨୮ଟି ଭାରତୀୟ ଏବଂ ବିଦେଶୀ ଭାଷାରେ ଅନୁବାଦ ହୋଇଛି। ତାଙ୍କର ୬ଟି ପୁସ୍ତକ ସିବିଏସ୍‌ଇ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀଙ୍କ ପାଇଁ ଚୟନ ହୋଇଥିବା ବେଳେ ୧୧ଟି ଗପ ସିବିଏସ୍‌ଇ ଟେକ୍ସଟ୍ ବୁକ୍‌ରେ ସ୍ଥାନ ପାଇଛି।



ସୁନ୍ଦରଗଡ଼ କିର୍ଣ୍ଣମା ଅଗ୍ରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍।



ମେହେର ପରିବାର ସଦସ୍ୟ ଏକାଠି ନୂଆଁ ଖାଉଛନ୍ତି।

## ସମଲେଶ୍ୱରୀ, ଶିଖରବାସିନୀଙ୍କୁ ଲାଗିଲା ନବାନ୍ନ

# ନୂଆଁଖାଇ ପାଳିଲେ ସୁନ୍ଦରଗଡ଼ବାସୀ

**ସୁନ୍ଦରଗଡ଼,୧୪।୯ (ଡି.ଏନ୍.ଏ)**

କୃଷିଭିତ୍ତିକ ତଥା ଭାଇଚାରାର ମହାନ୍ ସାମାଜିକ ଗଣପର୍ବ ନୂଆଁଖାଇ ସମଗ୍ର ସୁନ୍ଦରଗଡ଼ ଜିଲାରେ ଉତ୍ସାହ, ଉଦ୍ଦୀପନା ମଧ୍ୟରେ ଶୁକ୍ରବାର ପାଳିତ ହୋଇଯାଇଛି। ସୁନ୍ଦରଗଡ଼ର ସମଲେଶ୍ୱରୀ ଓ ଶିଖରବାସିନୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ନବାନ୍ନ ଭୋଗ ଲାଗି ହେବା ପରେ ପ୍ରତ୍ୟେକ ପରିବାର ନିଜ ଇଷ୍ଟ ଦେବୀଦେବ ଓ ପିତୃପୁରୁଷଙ୍କଠାରେ ନବାନ୍ନ ଲାଗି କରି ସମସ୍ତ ପରିବାର ସଦସ୍ୟ ଏକାଠି ବସି ଏକାକୁ ଭକ୍ଷଣ କରିଥିଲେ। ଏନେଇ ଗାଁଠୁ ପୁରପଲ୍ଲୀ ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଦୂର ଦୂରାନ୍ତରେ ଥିବା ପରିବାରର ସଦସ୍ୟ ଗାଁରେ ପହଞ୍ଚି ପରିବାର ସହ ଏକାଠି ହୋଇଛନ୍ତି। ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କ ଘର ଖିରି, ପିଠା, ପୁରି ସହ ଅନ୍ୟାନ୍ୟ ସ୍ୱାଦିଷ୍ଟ ବ୍ୟଞ୍ଜନରେ ମହକି ଉଠିଥିଲା । ନୂଆଁଖାଇବା ପରେ ପରମ୍ପରାରେ ଅନୁଯାୟୀ ଛୋଟମାନେ ବଡମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ଲାଭ କରିବା ସହ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ହୋଇଥିଲା। ନୂଆଁଖାଇ ଜୁହାର ଆଦନ ପ୍ରଦାନ ମାଧ୍ୟମରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ନୂଆଁଖାଇ ପାଇଁ ସୁନ୍ଦରଗଡ଼ ସହର ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡିବା ସହ ଗାଡି ଚଳାଚଳ, ଦୋକାନ, ବଜାର ବନ୍ଦ ରହିଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ୍ ସହ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ଏକାଠି ନୂଆଁଖାଇଲେ ମେହେର ପରିବାର

ସୁନ୍ଦରଗଡ଼ ସହରର ମେହେର ପରିବାର ନୂଆଁଖାଇରେ ରହିଥିବା ଭାଇଚାରାର ସ୍ୱତନ୍ତ୍ର ପରମ୍ପରାକୁ ଦୀର୍ଘ ୫୦ ବର୍ଷ ଧରି ପାଳନ କରିଆସୁଛନ୍ତି। ନୂଆଁଖାଇ ଅବସରରେ ଶୁକ୍ରବାର ସ୍ୱର୍ଗତ ବିନୋଦ କୁମାର ମେହେର ଏବଂ ଦିଲୀପ କୁମାର ମେହେର, ପ୍ରଦୀପ କୁମାର ମେହେର ଓ ମାନବ କୁମାର ମେହେରଙ୍କ ପରିବାର ସଦସ୍ୟ ଏକାଠି ନୂଆଁଖାଇଥିଲେ । ନୂଆଁ ଖାଇବା ପରେ ପରସ୍ପର ଜୁହାର ଭେଟ ହୋଇ ଏହି ନୂଆଁଖାଇର ମହନୀୟତାକୁ ବଜାୟ ରହିଥିଲେ।

## କୋଲାବିରାରେ ନୂଆଁଖାଇ ପାଳିତ

**କୋଲାବିରା,୧୪।୯ (ଡି.ଏନ୍.ଏ.)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଶୁକ୍ରବାର କୋଲାବିରା ସମେତ ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ଏହି ଅବସରରେ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଥିଲା। ବାହାରେ ରହୁଥିବା ପରିବାରର ସଦସ୍ୟମାନେ ଘରକୁ ଆସି ଏକାଠି ହେବା ସହ ସମସ୍ତେ ଏକତ୍ରିତ ହୋଇ ନୂଆଁ ଖାଇଥିଲେ। ମହିଳାମାନେ ଘରଦ୍ୱାର ଲିପାପୋଛା, ସଫା କରିବା ସହ କୁରେପତ୍ର, ନୂଆଁ ଧାନ, ନୂଆଁ ପାତଲି, ମାଟିହାଣ୍ଡି, ସରା, କୁଲା, ନୂଆଡାଲା ଆଦି ସଂଗ୍ରହ କରିଥିଲେ। ନୂଆଁ ଧାନରେ ପ୍ରସ୍ତୁତ ଚାଉଳର ଅନ୍ନ ଇଷ୍ଟଦେବୀଙ୍କୁ ପ୍ରଥମେ ଅର୍ପଣ କରି ସୁଖସମୃଦ୍ଧି କାମନା କରିଥିଲେ। ନୂଆଁ ଚାଉଳରେ ପ୍ରସ୍ତୁତ ଅନ୍ନକୁ ପ୍ରତ୍ୟେକ ଗୃହକର୍ତ୍ତା ପରିବାରର ଅନ୍ୟ ସଦସ୍ୟଙ୍କୁ ଅର୍ପଣ କରି ଏକ ସଙ୍ଗରେ ଗ୍ରହଣ କରିଥିଲେ। ପରେ ଦେବଦେବୀ ପୀଠକୁ ଯାଇ ଦର୍ଶନ କରିଥିଲେ। ପରସ୍ପରକୁ ନୂଆଁଖାଇର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କୋଲାବିରା ଗଡ଼ଭିତରପଡ଼ାରେ କୁନିକୁନି ପିଲାଙ୍କ ଦ୍ୱାରା ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ଓ ନାଚ ପ୍ରତିଯୋଗିତା କରାଯାଇ କୃତୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରଘୁନାଥାଲି ବଜାରଡ଼ାଠାରେ ପିତାପାଲି ସଙ୍ଗୀତ ସୁରଭି କୃଷ୍ଣଗୁରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସମାସିଂହାଠାରେ ନୂଆଖାଇ ।



ଯିଶୁଙ୍କ କ୍ରୁଶ ପର୍ବ ପାଳନ ଅବସରରେ ଅତିଥିମାନଙ୍କୁ ମହିଳା ଶ୍ରଦ୍ଧାଳୁମାନେ ପାରମ୍ପରିକ ନୃତ୍ୟ କରି ଉପାସନାସ୍ଥଳକୁ ପାଛୋଟି ନେଉଛନ୍ତି।

## ଜୟଡ଼େଗାରେ ଯିଶୁଙ୍କ କ୍ରୁଶ ପର୍ବ ପାଳିତ

**କୁଆଁରମୁଣ୍ଡା,୧୪।୯ (ଡି.ଏନ୍.ଏ.)**

ରକ୍ତ, ମାଂସରେ ଗଢା ଶରୀର ସବୁବେଳେ ପାର୍ଥିବ ସୁଖ ପଛରେ ଧାଇଁ ଥାଏ । ଏ ନେଇ ମନୁଷ୍ୟ ସର୍ବଦା କ୍ଷମତା ଓ ଅର୍ଥ ପଛରେ ଗୋଡାଇ ଅନେକ କୁକର୍ମ କରିବାକୁ ପଛାଇ ନ ଥାଏ । ମାତ୍ର ଦୁଃଖୀ, ଦରିଦ୍ରଙ୍କ ସେବା ପାଇଁ ଯିଏ ନିଜ ଜୀବନକୁ ଉତ୍ସର୍ଗ କରିଥାଏ ସେ ହିଁ ସ୍ୱର୍ଗୀୟ ଆନନ୍ଦ ପାଇଥାଏ ବୋଲି ଯିଶୁଙ୍କ କ୍ରୁଶବିଦ୍ଧ ପ୍ରମାଣିତ କରୁଛି ବୋଲି ଶୁକ୍ରବାର କୁଆଁରମୁଣ୍ଡା ବ୍ଲକ ଅଧୀନ ଜୟଡେଗା ପଞ୍ଚାୟତର ପାହାଡ ପାର୍ଶ୍ୱରେ ଥିବା ମାରିୟମ ଉପାସନାସ୍ଥଳୀ ନିକଟରେ ଶୁକ୍ରବାର ଆୟୋଜିତ କ୍ରୁଶ ପର୍ବ ପାଳନ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁଆଁରମୁଣ୍ଡା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ଲାକ୍ରା ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜା ହେରୋଦ ଓ ଫିଲାତୁସ୍‌ଙ୍କ ନିଷ୍ଠୁର ଶାସନ ଏବଂ ଯିଶୁଙ୍କ ଉଦାରବାଣୀ ବିଷୟରେ ମୁଖ୍ୟବକ୍ତା ଲାକ୍ରା ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ଉପସ୍ଥିତ ରହି ଅନୁରୂପ ମତବ୍ୟକ୍ତ କରିଥିବା ବେଳେ ସମ୍ମାନୀୟ ଅତିଥିଭାବେ ନୂଆଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଖଲୁ ଏକ୍କା, କୁଆଁରମୁଣ୍ଡା ବିଡିଓ ପୀୟୂଷ ଲୋହାର, ଜୟଡ଼େଗା ସରପଞ୍ଚ ପୁଷ୍ପା ହରୋ, ସମିତି ସଭ୍ୟା ସରୋଜିନୀ ତିର୍କୀ, ଝୁନମୁର ସରପଞ୍ଚ ଫୁଲ କିସପଟ୍ଟା, କୁମ୍‌ଝରିଆ ସମିତି ସଭ୍ୟ ଭଖା ବେକ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମାରିୟମଙ୍କ ପ୍ରାର୍ଥନାସ୍ଥଳୀ ନିକଟରେ ଯିଶୁଙ୍କ କ୍ରୁଶ ପର୍ବ ପାଳିତ ହୋଇଯାଇଛି। ଏଥିରେ ଜୟଡେଗା, ଝୁନମୁର ପଞ୍ଚାୟତରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ।

## ସ୍ୱାଭିମାନ ଗୃହରେ ପାଳିଲେ ନୂଆଁଖାଇ

**ଝାରସୁଗୁଡ଼ା ଅଫିସ,୧୪।୯**

### ପରିବାରଠାରୁ ଦୂରରେ

ପରିବାରରୁ ବିତାଡ଼ିତ ଓ ସମାଜ ଦ୍ୱାରା ପ୍ରତାରିତ ହୋଇ ଦୁର୍ବିସହ ଜୀବନଯାପନ କରୁଛନ୍ତି। ବିଭିନ୍ନ ହିଂସାର ଶିକାର ହୋଇ ସ୍ୱଧାର ଓ ସ୍ୱାଭିମାନ ଗୃହରେ ରହୁଛନ୍ତି। ୬୦ ଜଣ ମହିଳା ଓ ସେମାନଙ୍କ ସନ୍ତାନସନ୍ତତିଙ୍କୁ ନେଇ ସ୍ୱାଭିମାନ ଗୃହରେ ପାଳନ ହୋଇଥିଲା ସ୍ୱତନ୍ତ୍ର ନୂଆଁଖାଇ ଉତ୍ସବ। ପାରମ୍ପରିକ ରୀତିରେ ନୂଆଁ ପୋଷାକ, ବସ୍ତ୍ର ପରିଧାନ କରି ପାଳନ କରିଥିଲେ ନୂଆଁଖାଇ। ଘର ଓ ପରିବାରଠାରୁ ଅଲଗା ହୋଇ ନୂଆଁଖାଇ ପାଳନ କରୁଥିଲେ ମଧ୍ୟ ମନରେ ସମାନ ଉତ୍ସାହ ରହିଥିଲା ଏହି ଅନ୍ତେବାସୀଙ୍କର। ନୂଆଁ ଚାଉଳରେ ପ୍ରସ୍ତୁତ ନବାନ୍ନ ସହ ଅନେକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା ନୂଆଁଖାଇ ଉପଲକ୍ଷେ। ଏହାପରେ ନାଚଗୀତ ଆସର। ପୂରା ପାରିବାରିକ ଉତ୍ସାହ ଭଳି ସ୍ୱାଭିମାନର ପ୍ରତିଷ୍ଠାତ୍ରୀ ଆନନ୍ଦିନୀ ପାଢ଼ୀ ଉପସ୍ଥିତ ରହିଥିଲେ ଏହି ଉତ୍ସବରେ।

## ଗଛରେ ପିଟିହେଲା ଗ୍ୟାସ୍ ବୋଝେଇ ଟ୍ରକ୍

**ଜୁନାଗଡ,୧୪।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ ଜାରିଙ୍ଗ ଗୁଞ୍ଜୁଗୁଡା ଛକ ନିକଟରେ ଶୁକ୍ରବାର ଭୋରେ ଏକ ଗ୍ୟାସ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ ଗଛରେ ପିଟି ହୋଇଛି। ଏଥିରେ ଟ୍ରକ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗ୍ୟାସ ବୋଝେଇ ଟ୍ରକ (ନଂ. ଓଡି୧୯ଜେ-୯୨୩୧) ଅନୁଗୋଳରୁ କୋକସରା ଅଭିମୁଖେ ଆସୁଥିଲା। ବାଟରେ ଗାଡିର ଷ୍ଟେରିଂ ଠିକ ଭାବରେ ବୁଲି ନ ପାରିବାରୁ ଡ୍ରାଇଭର ଭାରସମ୍ୟ ହରାଇ ରାସ୍ତା କଡରେ ଥିବା ଏକ ନିମ୍ବ ଗଛକୁ ପିଟି ଦେଇଥିଲେ। ଘଟଣା ସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଟ୍ରକ ଧକ୍କାରେ ବୋଲୋରୋ ଚୁରମାର, ଜଣେ ମୃତ

**ଲୋଇସିଂହା, ୧୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ୨୬ନଂ ଜାତୀୟ ରାଜପଥର ବୁର୍ଡା ନିକଟରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଗ୍ୟାସ ବୋଝେଇ ଟ୍ରକ ଧକ୍କାରେ ଏକ ବୋଲେରୋ ଚୁରମାର ହୋଇଛି। ବୋଲେରୋରେ ୩ଜଣ ଥିବା ବେଳେ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର ଯୋଗୀସର୍ଡାରେ ବୋଲି ଜଣାପଡିଛି। ଏଥିରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ଲୋଇସିଂହା ଥାନା ପୋଲିସ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଲାଙ୍ଗୀର ପଠାଇଛି। ମୃତଦେହ ଲୋଇସିଂହା ଡାକ୍ତରଖାନାରେ ରଖାଯାଇଛି।

## ବିମାନବନ୍ଦରରେ ରାଜଭାଷା ପକ୍ଷ ପାଳନ

**ଝାରସୁଗୁଡ଼ା ଅଫିସ,୧୪।୯**

ଝାରସୁଗୁଡ଼ା ବିମାନବନ୍ଦର ତରଫରୁ ହିନ୍ଦୀ ତଥା ରାଜଭାଷା ପକ୍ଷ ପାଳନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ କରାଯିବ। ଏହି ଅବସରରେ ହିନ୍ଦୀ ଭାଷାର ଗୁରୁତ୍ୱ ଏବଂ ଏହାର ଲୋକପ୍ରିୟତାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ ସଭାରେ ଅଧ୍ୟକ୍ଷତା କରି କହିଲେ, ହିନ୍ଦୀ ଏପରି ଏକ ଭାଷା, ଯାହା ଦେଶରେ ସର୍ବାଧିକ ଲୋକ ଭାବର ଆଦାନପ୍ରଦାନ ପାଇଁ ବ୍ୟବହାର କରିଥାନ୍ତି। ତେଣୁ ଏହି ଭାଷାର ଆହୁରି ପ୍ରଚାରପ୍ରସାର ହେବା ଆବଶ୍ୟକ ବୋଲି ସେ କହିଥିଲେ। ବିମାନବନ୍ଦର ଅନ୍ୟ ଅଧିକାରୀଙ୍କ ମଧ୍ୟରେ ଜେ.ସି ହୋତା, ଏଲ୍.ଏନ୍. ପାଢ଼ୀ ପ୍ରମୁଖ ଯୋଗଦେଇ ରାଜଭାଷା ପକ୍ଷ ପାଳନର ତାତ୍ପର୍ଯ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ।





ରାଜଭାଷା ପକ୍ଷ ପାଳନ ଅବସରରେ ଉପସ୍ଥିତ ଅଧିକାରୀ।

## ହାତୀ ଆତଙ୍କ, ଧାନ ଚାଷ ନଷ୍ଟ

**ବଡଗାଁ,୧୪।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ବନଖଣ୍ଡ ଅଧୀନ ଜଙ୍ଗଲରେ ଅଢେଇ ମାସ ହେଲା ଆସ୍ଥାନ ଜମାଇ ଥିବା ୧୯ଟି ହାତୀ ଥିବା ଏକ ପଲ ଉପଦ୍ରବ କରି ଆସୁଛନ୍ତି। ଫଳରେ ସାଲେପାଲି, ଛାମୁଣ୍ଡା, ଭୋଇପାଲି, ବଡ଼ଗାଁ, କୁତ୍ରା ବ୍ଲକର ପୁର୍କାପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ରାତି ପ୍ରାୟ ୮ଟାରୁ ୪ଟା ପର୍ଯ୍ୟନ୍ତ ହାତୀପଲ

### ଦାଣ୍ଡଜମିରା ଗାଁ

ଦାଣ୍ଡଜମରା ମୁନସୀପଡ଼ାର ପାତ୍ରିକ କୁଲୁ, ଅଗଷ୍ଟ ଡୁଙ୍ଗଡୁଙ୍ଗ, ଆଲେକ୍ସିୟସ ଡୁଙ୍ଗଡୁଙ୍ଗ, ମାଇକେଲ ଡୁଙ୍ଗଡୁଙ୍ଗ, ଜୁଗଲ କୁଲୁ, ଲାଜରୁସ ଡୁଙ୍ଗଡୁଙ୍ଗ, ହେରମନ କୁଲୁଙ୍କ ଧାନ ଚାଷ ନଷ୍ଟ କରି ଦେଇଥିବା ଜଣାପଡିଛି। ବନବିଭାଗ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବା ସହ ହାତୀ ଘଉଡାଇବାକୁ ସାଧାରଣରେ ଦାବି ହୋଇଛି।



ବ୍ରୋଞ୍ଜ ହାତେଇଥିବା ପ୍ରତିଯୋଗୀ ଏବଂ ରେଫରି।

## କିକ୍ ବକ୍ସିଂରେ ଝାରସୁଗୁଡ଼ାକୁ ବୋଞ୍ଜ୍

**ଝାରସୁଗୁଡ଼ା ଅଫିସ,୧୪।୯**

ଗୋଆଠାରେ ଆୟୋଜିତ ୨୪ତମ ସିନିୟର କିକ୍ ବକ୍ସିଂ ଚାମ୍ପିଆନ୍‌ଶିପ ସେପ୍ଟେମ୍ବର ୯ ତାରିଖରେ ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳରୁ ୬୩.୫ କିଲୋଗ୍ରାମ ବର୍ଗରେ ଅଂଶଗ୍ରହଣ କରିଥିବା ଝାରସୁଗୁଡ଼ାର ଶୁଭୟାନ ବନିକ୍ ବୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଝାରସୁଗୁଡ଼ାର ନବୀନ ସିଂ ରେଫରି ଭାବେ ମନୋନିତ ହୋଇଥିଲେ। ଭାରତୀୟ କିକ୍ ବକ୍ସିଂ ଆସୋସିଏଶନ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଥିବା ବେଳେ ରେଫରି ସିଂ ସଫଳତାର ସହ ମ୍ୟାଚ୍ ପରିଚାଳନା କରିଛନ୍ତି।

## କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କୁ ଦିଆଯିବ ୧୦ ହଜାର ଦସ୍ତଖତ ସମ୍ବଳିତ ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ,୧୪।୯**

ସରକାରୀ, ଘରୋଇ ଭାଗୀଦାରିରେ କ୍ୟାନସର ହସ୍ପିଟାଲ ସ୍ଥାପନକୁ ନେଇ ଉଠିଛି ବିବାଦ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ କର୍କଟ ହସ୍ପିଟାଲ ସ୍ଥାପନ ନେଇ ହୋଇଥିବା ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା। ଝାରସୁଗୁଡ଼ା ପରିବର୍ତ୍ତେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ଏହି ହସ୍ପିଟାଲ ସ୍ଥାପନ କରିବା ସପକ୍ଷରେ ସେ ଯୁକ୍ତି ବାଢ଼ିବା ସହ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯୋଜନା କରୁଛନ୍ତି। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଗସ୍ତରେ ଆସୁଥିବା ବେଳେ ବ୍ରଜରାଜନଗରରେ ହସ୍ପିଟାଲ ସ୍ଥାପନ ପାଇଁ ବିଧାୟିକା ପଣ୍ଡା ନିଜ ନିର୍ବାଚନମଣ୍ଡଳୀରୁ ୧୦ ହଜାର ଦସ୍ତଖତ ସଂଗ୍ରହ କରି ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି। ୨୦୧୭ ମାର୍ଚ୍ଚ ୭ରେ ଅନୁଷ୍ଠିତ ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ବୈଠକରେ ଏକ କର୍କଟ ହସ୍ପିଟାଲ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ଡିଏମ୍ଏଫ୍‌ରୁ ପ୍ରାୟ ୭୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ହସ୍ପିଟାଲ ସରକାରୀ ଘରୋଇ ଭାଗୀଦାରିରେ ପରିଚାଳିତ ହେବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଜିଲା ପ୍ରଶାସନକୁ କହିଥିଲା। ହେଲେ କୋଇଲା ଖଣି ପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ବ୍ରଜରାଜନଗର ନିର୍ବାଚନମଣ୍ଡଳିରେ ଏହି ହସ୍ପିଟାଲ ସ୍ଥାପନ କରିବାକୁ ବିଧାୟିକା ପଣ୍ଡା ଦାବି କରିଥିଲେ। କୋଇଲା ଗୁଣ୍ଡ ଜନିତ ସମସ୍ୟାରେ ଏଠାକାର ଲୋକେ ଜର୍ଜରିତ ଥିବାବେଳେ ସମାନ କାରଣରୁ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ବ୍ରଜରାଜନଗର ଅଞ୍ଚଳରେ ହସ୍ପିଟାଲ ସ୍ଥାପନର ଯଥାର୍ଥତା ରହିଥିବା ସେ କହିଥିଲେ। କିନ୍ତୁ ପ୍ରଶାସନିକ ଅଣଦେଖା କାରଣରୁ ସୁଶୀଲ ପୁରୋହିତ ଏବଂ ଜିଲା ପରିଷଦ ସଭ୍ୟ ସାମଲ ନାଏକ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଯେଉଁଥିରେ ଇସ୍ପାତ ଓ ଖଣି ସଚିବ, ଝାରସୁଗୁଡ଼ା ଜିଲାପାଳ, ସ୍ୱାସ୍ଥ୍ୟ ସଚିବ ଏବଂ ପଶ୍ଚିମାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୨୦୧୮ ଅଗଷ୍ଟ ୧୪ରେ ହାଇକୋର୍ଟ ଏହି ମାମଲାର ଶୁଣାଣି ବେଳେ ୩ ସପ୍ତାହ ମଧ୍ୟରେ ପ୍ରଥମ ପକ୍ଷ ସମ୍ପୃକ୍ତ ବିଭାଗ ନିକଟରେ ରିପ୍ରେସେଣ୍ଟେଶନ ଦାଖଲ କରିବେ ଏବଂ ସମ୍ପୃକ୍ତ ବିଭାଗ ଦାଖଲ ରିପୋର୍ଟକୁ ୬ ମାସ ମଧ୍ୟରେ ଡିସପୋଜ କରିବାକୁ ଆଦେଶ ଦେଇଥିଲେ। ଏହି ସମୟ ମଧ୍ୟରେ ହସ୍ପିଟାଲ ନିର୍ମାଣ ନେଇ ପ୍ରକ୍ରିୟା ବନ୍ଦ ରଖିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

**ଗଛରେ ପିଟିହେଲା ଗ୍ୟାସ୍ ବୋଝେଇ ଟ୍ରକ୍**
କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ ଜାରିଙ୍ଗ ଗୁଞ୍ଜୁଗୁଡା ଛକ ନିକଟରେ ଶୁକ୍ରବାର ଭୋରେ ଏକ ଗ୍ୟାସ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ ଗଛରେ ପିଟି ହୋଇଛି।

## ସଂକ୍ଷେପରେ




### ଗଛରେ ପିଟିହେଲା ଗ୍ୟାସ୍ ବୋଝେଇ ଟ୍ରକ୍

ଜୁନାଗଡ,୧୪।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ ଜାରିଙ୍ଗ ଗୁଞ୍ଜୁଗୁଡା ଛକ ନିକଟରେ ଶୁକ୍ରବାର ଭୋରେ ଏକ ଗ୍ୟାସ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ ଗଛରେ ପିଟି ହୋଇଛି। ଏଥିରେ ଟ୍ରକ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗ୍ୟାସ ବୋଝେଇ ଟ୍ରକ (ନଂ. ଓଡି୧୯ଜେ-୯୨୩୧) ଅନୁଗୋଳରୁ କୋକସରା ଅଭିମୁଖେ ଆସୁଥିଲା। ବାଟରେ ଗାଡିର ଷ୍ଟେରିଂ ଠିକ ଭାବରେ ବୁଲି ନ ପାରିବାରୁ ଡ୍ରାଇଭର ଭାରସମ୍ୟ ହରାଇ ରାସ୍ତା କଡରେ ଥିବା ଏକ ନିମ୍ବ ଗଛକୁ ପିଟି ଦେଇଥିଲେ। ଘଟଣା ସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଭବାନୀପାଟଣା ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଭବାନୀପାଟଣା,୧୪।୯(ଡି.ଏନ.ଏ.)
ଭବାନୀପାଟଣା ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ସହର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି। ବିଭିନ୍ନ ନାଳନର୍ଦ୍ଦମାରେ ପାଣି ଜମି ରହିବା ଏବଂ ସହର ମଧ୍ୟରେ ଥିବା ରାସ୍ତାଗୁଡିକରେ ପାଣି ଜମି ରହି ଯାତାୟାତରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନେକ ସ୍ଥାନରେ ମଇଳାଗଦା ପଡିରହିଛି । ପୌର ସଂସ୍ଥା ପକ୍ଷରୁ ଫିନାଇଲ୍, ବ୍ଲିଚିଂ ପାଉଡର ଆଦି ପକାଯାଉ ନ ଥିବାରୁ ଦୁର୍ଗନ୍ଧରେ ଲୋକେ ଯାତାୟାତ କରୁଛନ୍ତି। ଭବାନୀପାଟଣା ସହର ଇରିଗେସନ୍ କଲୋନୀର ଲେନ୍ ନଂ. ୯ର ଅବସ୍ଥା ଓ ଖୋଦ୍ ଜିଲା ମୁଖ୍ୟଚିକିତ୍ସାଳୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ଏବଂ ସହରତଳି ଅଞ୍ଚଳର କେତେକ ସ୍ଥାନ ଦେଖିଲେ ଡେଙ୍ଗୁ ମଶାମାନଙ୍କ ପାଇଁ ଏହି ସ୍ଥାନ ନିର୍ଭୟ ଆଶ୍ରୟସ୍ଥଳୀ ପାଲଟିଛି। ବିଭାଗୀୟ ଅଧିକାରୀମାନେ ଅବସ୍ଥା ଅସମ୍ଭାଳ ହେବା ପୂର୍ବରୁ ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ନିମନ୍ତେ ଜନସାଧାରଣ ଦାବି କରିଛନ୍ତି।

### ଦୁର୍ଗା ପୂଜା କମିଟି ପ୍ରସ୍ତୁତି ବୈଠକ

ପଲମ,୧୪।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ନର୍ଲା ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନର୍ଲା ଦୁର୍ଗା ମଣ୍ଡପଠାରେ ସମସ୍ତଙ୍କ ଉପସ୍ଥିତିରେ ଅସ୍ଥାୟୀ ସଭାପତି ପୂର୍ଣ୍ଣ ପୂଝାରୀଙ୍କ ଅଧ୍ୟକ୍ଷତାରେ ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଯାଇଛି । ବୈଠକରେ ଚଳିତବର୍ଷ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ନୂତନ କମିଟିରେ ଦିପୁ ପାତ୍ରଙ୍କୁ ସଭାପତି ଭାବେ ସମ୍ମତିକ୍ରମେ ମନୋନୀତ କରାଯାଇଛି ଏବଂ ଉପ ସଭାପତି ଅନବେମାଲ ଚାନ୍ଦଙ୍କୁ ଚୟନ କରାଯାଇଛି । ସମୀର ଚାନ୍ଦ, ଅଶୋକନ୍ତ ପୂଝାରୀ, କିଶୋର ମାଝି, ରାକେଶ ବିଶୋଇ ପ୍ରମୁଖଙ୍କୁ ଉପଦେଷ୍ଟା ଭାବରେ ଚୟନ କରାଯାଇଛି ।





ରିଷିଡ଼ାରେ କୁରେଇ ପତ୍ରରେ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ ପାଇଁ ଭୋଗ ପ୍ରସ୍ତୁତ ହୋଇଛି (ବାମ)। କର୍ଲାମୁଣ୍ଡା ବ୍ଲକ ରିଞ୍ଜା ବସ୍ତିଠାରେ ଗାଁରେ ବିଭିନ୍ନ ପ୍ରତିଯୋଗିତା ଚାଲିଛି (ମଝି) । ଜୁନାଗଡ ସହର ଦଧିବାମନ ମନ୍ଦିରରେ ନବାନ୍ନ ଭୋଗ ନେବା ପାଇଁ ଲୋକଙ୍କ ଭିଡ ଲାଗିଛି।

ଧୁମ୍‌ଧାମରେ ସରିଲା ନୂଆଁଖାଇ

# ଜୁହାର ଭେଟରେ ଫାଟିପଡୁଛି ଗାଁ ଦାଣ୍ଡ

କର୍ଲାମୁଣ୍ଡା,୧୪।୯(ଡି.ଏନ.ଏ.)

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାଲେପାଲି, ରେଗଡା, ବିର୍ତୁଲା, ଖଲିଆପାଲି, ସାପଲହରା ଭଳି କେତେକ ଗ୍ରାମରେ ଗାଁ ଲୋକଙ୍କ ନିଷ୍ପତ୍ତିକ୍ରମେ ରାଗ ରୋଷ ଭୁଲି ଏକାଠି ବସି ନବାହ୍ନ ଭକ୍ଷଣ କରିଥିଲେ। ଅଧିକାଂଶ ଗାଁଗୁଡିକରେ ନୂଆଁଖାଇ ଭେଟଘାଟ ଭଳି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ରିଞ୍ଜା ବସ୍ତିଠାରେ ଗାଁର ସବୁବର୍ଗର ଲୋକଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି। ସ୍ଥାନୀୟ ଗଣେଶ ପୂଜା କମିଟି ଯୁବକଙ୍କ ପ୍ରଚେଷ୍ଟାରେ ଏହା ହୋଇଥିବା ଜଣାପଡିଛି।

ଜୁନାଗଡ,୧୪।୯(ଡି.ଏନ.ଏ.)
ଜୁନାଗଡ ବ୍ଲକ ଅଞ୍ଚଳରେ ଶୁକ୍ରବାର ଆନନ୍ଦ ଓ ଉଲ୍ଲାସ ସହ ନୂଆଁଖାଇ ସମାପନ ହୋଇଯାଇଛି। ଜୁନାଗଡ ସହର ଦଧିବାମନ ମନ୍ଦିରରେ ସକାଳ ୭.୫୭ରେ ନୂଆଁ ଲାଗି ହୋଇଥିଲା । ଏହା ପରେ ସହରର ପ୍ରତ୍ୟେକ ବର୍ଗର ଲୋକେ ମହାପଭୁଙ୍କୁ ଲାଗିଥିବା ନବାନ୍ନ ଭୋଗ ଘରକୁ ନେଇଥିଲେ। ସେହି ଭୋଗକୁ ପୁଣି ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ସହପରିବାର ଏକତ୍ର ହୋଇ ନୂଆଁଖାଇ ଥିଲେ। ସେହିପରି ଗାଁଗୁଡ଼ିକରେ ମଧ ଆରାଧ୍ୟ ଦେବତାଠାରେ ନବାନ୍ନ ଲାଗିବା ପରେ ସେଠାରୁ ନବାନ୍ନ ଭୋଗ ନେଇ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ଲୋକେ ନୂଆଁ ଖାଇଥିଲେ। ନୂଆଖାଇଁ ପାଇଁ ଶୁକ୍ରବାର ସକାଳୁ ରାସ୍ତାଠାରୁ ବଜାର ଓ ଘରଠାରୁ ମନ୍ଦିର ଚାରିଆଡେ ପରିବେଶ ଚଳଚଞ୍ଚଳ ହୋଇଥିଲା। ନୂଆଁଖାଇର ଅନନ୍ୟ ପରମ୍ପରା ହେଉଛି ପରିବାରର ସମସ୍ତ ସଦସ୍ୟ ଏକାଠି ହେବା। ପରିବାରର ସଦସ୍ୟ ଯିଏ ଯେଉଁଠି ଥିଲେ ବର୍ଷକୁ ଥରେ ଏହି ପର୍ବରେ ପରିବାର ସହିତ ସାମିଲ ହୋଇଥାନ୍ତି। ତେଣୁ ଏହାକୁ ଭାଇଚାରରା ପର୍ବ ମଧ୍ୟ କୁହାଯାଏ । ଛୋଟ ପିଲାଠୁ ବୁଢାବୁଢି ପର୍ଯ୍ୟନ୍ତ୍ ସଭିଏଁ ଏକତ୍ର ବସି ନୂଆଁଖାଇବା। ପରିବାରର ମୁଖିଆ ଇଷ୍ଟଦେବୀ ତଥା ଅନ୍ୟ ଦେବତାଙ୍କଠାରେ ନୂଆଁ ଅନ୍ନ ଅର୍ପଣ କରିବା ପରେ ସମସ୍ତଙ୍କୁ ବାଣ୍ଟିବା ପରମ୍ପରା ଏବେ ବି ରହିଛି। ଏହି ପରମ୍ପରାର ନିଆରା ନିଦର୍ଶନ ଜୁନାଗଡ ସହର ତଥା ବ୍ଲକ ଅଞ୍ଚଳର ପ୍ରତ୍ୟେକ ଗାଁରେ ଥିବା ବିଭିନ୍ନ ସମ୍ପ୍ରଦାୟରେ ଦେଖିବାକୁ ମିଳିଥିଲା । ଦଳବଦ୍ଧ ଭାବେ ଏଠାକାର ବ୍ରାହ୍ମଣ, ପାଇକ, ମେହେର, ବଙ୍କା, କୁମ୍ଭାର, ମାଳି, ହରିଜନ, ଲୋହରା, ଯାଦବ ବିଭିନ୍ନ ସମ୍ପ୍ରଦାୟର ଲୋକ ଏକାଠି ହୋଇ ଏହି ପର୍ବରେ ସାମିଲ ହୋଇ ଏକତ୍ର ବସି ନୂଆଁ ଖାଇଛନ୍ତି। ହସଖୁସିରେ ବିତାଇ ଅନ୍ୟାମାନଙ୍କ ପାଇଁ ସେମାନେ ଉଦାହରଣର ଖୋରକ ଯୋଗାଉଛନ୍ତି। ନର୍ବାନ୍ନ ଭକ୍ଷଣ କରିବା ପରେ ପ୍ରଥମେ ନିଜ ସମ୍ପ୍ରଦାୟର ବ୍ୟୟଜ୍ୟେଷ୍ଠ ଲୋକଙ୍କୁ ମୁଣ୍ଡିଆ ମାରି, ଜୁହାର କରିବା ପରେ ଗାଁ ଦାଣ୍ଡରେ ଗ୍ରାମବାସୀଙ୍କ ସହ ଜୁହାର ଭେଟ କରି ଦିଅଁ ଦର୍ଶନର ପରମ୍ପରା ରହିଥିବାରୁ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ମନ୍ଦିର, ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଠାକୁର ଦର୍ଶନ ଅବସରରେ ପରିଚିତ ବ୍ୟକ୍ତିଙ୍କ ସହିତ ଜୁହାର ଭେଟ ଓ ଭାବର ଆଦାନ ପ୍ରଦାନ ପାଇଁ ସୁଯୋଗ ସୃଷ୍ଟି କରିଥିଲା। ନୂଆଁଖାଇ ଉପଲକ୍ଷେ ଗାଁରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଚାଲିଛି। ଶୁକ୍ରବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ ଅବସରରେ ନୃତ୍ୟ ପ୍ରତିଯୋଗିତା, ମେଲୋଡି, ସାମାଜିକ ନାଟକ ଆଦି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମରେ ଗାଁ ଦାଣ୍ଡ ଦୁଲୁକୁଛି। ସବୁ ମତ ପାର୍ଥକ୍ୟ ଓ ବିଷାଦକୁ ଭୁଲି ଯୁବ ଗୋଷ୍ଠୀ ଗ୍ରାମବାସୀଙ୍କୁ ମନୋରଞ୍ଜନ ଦେବା ପାଇଁ ଲାଗି ପଡିଛନ୍ତି।

କଲମପୁର,୧୪।୯(ଡି.ଏନ.ଏ.)
କଲମପୁର ବ୍ଲକରେ ଶୁକ୍ରବାର ହର୍ଷୋଲ୍ଲାସର ସହ ନୂଆଁଖାଇ ପାଳନ କରାଯାଇଛି । ଏହା ଏକ କୃଷି ଭିତିକ ପର୍ବ ହୋଇ ଥିବାରୁ ବିଲରୁ ଅମଳ ହୋଇଥିବା ନୂଆ ଧାନରେ ତିଆରି ଚୁଡାରୁ ପ୍ରସ୍ତୁତ ନବାନ୍ନକୁ ଶୁଭଲଗ୍ନରେ ପ୍ରଥମେ ଗ୍ରାମର ଦେବଦେବୀଙ୍କୁ ଅର୍ପଣ ପରେ ନିଜ ଇଷ୍ଟ ଦେବୀଙ୍କ ନିକଟରେ ଅର୍ପଣ କରିବା ନବାନ୍ନକୁ ଏକତ୍ର ମିଶି ପରିବାରର ସମସ୍ତେ ଏକାଠି ବସି ନୂତନ ବସ୍ତ୍ର ପରିଧାନ କରି ଭକ୍ଷଣ କରିଥିଲେ । ଏହା ଅଞ୍ଚଳର ମୁଖ୍ୟ ପର୍ବ ହୋଇଥିବାରୁ ଦୂରଦୂରାନ୍ତରେ ଥିବା ପରିବାର ଲୋକେ ନୂଆଁଖାଇ ଦିନ ନିଜ ଗାଁକୁ ଆସି ପରିବାର ସହ ଏକତ୍ରିତ ନବାନ୍ନ ଗ୍ରହଣ କରିଥିଲେ । ଅପରାହ୍ନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବୀରବାଦ୍ୟ ଘୁମୁରାର ଘୁମୁଘୁମୁ ନାଦରେ ଗଗନ ପବନ ମୁଖରିତ ହୋଇଉଠିଥିଲା। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆସର ଜମିଥିଲା ।



କେସିଙ୍ଗା ବ୍ଲକ ଏକ ମିଲିଟାରୀ ପରିବାରରେ ସମସ୍ତେ ମିଶି ନୂଆଁଖାଉଛନ୍ତି ।

ମୋହନଗିରି,୧୪।୯(ଡି.ଏନ.ଏ.)
ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳରେ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇଁ ଧୁମଧାମର ସହିତ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ଧବଳେଶ୍ୱର ମହାପ୍ରଭୁ ଓ ଶ୍ରୀ ଜଗନ୍ନାଥ ମନ୍ଦିରରେ ସକାଳ ସାଢେ ୯ଟାରେ ନୂଆଁଧାନରୁ ପ୍ରସ୍ତୁତ ଚୂଡା ଭୋଗ ଲାଗିଥିଲା । ଏହା ପରେ ସମସ୍ତ ଅଞ୍ଚଳବାସୀ ନିଜ ଘରେ ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ନୂଆଁଧାନର ଚୁଡା ଅର୍ପଣ କରିଥିଲେ ଏବଂ ସମସ୍ତେ ଏକାଠି ମିଶି ନୂଆଁ ଖାଇଥିଲେ । ପରେ ବୟୋଜେଷ୍ଠମାନଙ୍କୁ ଜୁଆର ହୋଇ ସାନମାନେ ଆର୍ଶିବାଦ ନେଇଥିଲେ । ଏହି ଅବସରରେ ମୋହନଗିରିସ୍ଥିତ ଜଗନ୍ନାଥ ମନ୍ଦିରରେ ଗାଁବାସି ନୂଆଁ ଖାଇ ସାରିବା ପରେ ଏକତ୍ରିତ ହୋଇଥିଲେ । ସମସ୍ତ ଜଗନ୍ନାଥଙ୍କ ଦର୍ଶନ ପରେ ପରସ୍ପରରେ ଭାବର ଆଦାନପ୍ରଦାନ ହୋଇଥିଲେ ।

ନୂଆଁଖାଇରେ ପିଠାପଣା ମହକିଲା

ରିଷିଡା,୧୪।୯(ଡି.ଏନ.ଏ.)
କର୍ଲାମୁଣ୍ଡା ବ୍ଲକରେ ଶୁକ୍ରବାର ଭୋରୁ ସ୍ନାନ ସାରି ପ୍ରଥମେ ନିଜ ଇଷ୍ଟ ଦେବଦେବୀଙ୍କଠାରେ ନୂଆଁ ଅନ୍ନ ଅର୍ପଣ କରିବା ପରେ ସମସ୍ତେ ନିଜ ପରିବାର ଏକତ୍ର ମିଶି ନବାନ୍ନ ଭକ୍ଷଣ କରିଛନ୍ତି । ନୂଆ ଚୂଡା, ଚିନି ମିଶ୍ରିତ ଅନ୍ନକୁ କୁରେଇ ପତ୍ରରେ ନିଜ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ ସହିତ ନିଜ ଅମଳ କରିଥିବା ନୂଆ ଅନ୍ନ ପ୍ରଥମେ ଭୋଗ ଲଗାଇଛନ୍ତି । କୁରେଇ ପତ୍ରରେ ଏହି ଅନ୍ନ ଭୋଗ ବଢାଯାଏ । ଏହି ଅଞ୍ଚଳରେ ସମସ୍ତ ପରିବାରରେ ବିଭିନ୍ନ ପ୍ରକାର ପିଠା ତିଆରି କରି ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରିଥାନ୍ତି । ପିଠାପଣା ବାସ୍ନାରେ ଅଞ୍ଚଳ ମହକି ଯାଇଛି । ଏଥିସହିତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ବିଭିନ୍ନ ପ୍ରକାର ପିଠା ସହିତ ଖାଦ୍ୟ ସାମଗ୍ରୀଗୁଡିକ ତିଆରି କରିବା ପାଇଁ ନିଜକୁ ନିଜେ ପ୍ରସ୍ତୁତ କରିଥାନ୍ତି ।

କେସିଙ୍ଗା,୧୪।୯(ଡି.ଏନ.ଏ.)
ନୂଆଖାଇ ପାଇଁ ଶୁକ୍ରବାର ସକାଳେ କେସିଙ୍ଗା ରେଲୱେ ଗେଟଠାରୁ ହସ୍ପିଟାଲ ଛକ ନିକଟସ୍ଥଡେଲି ମାର୍କେଟରେ ପ୍ରବଳ ଲୋକଙ୍କ ଭିଡ ଜମିଥିଲା। ଗତ ବୁଧବାରଠାରୁ ଶୁକ୍ରବାର ୩ ଦିନ ବ୍ୟାପୀ କେସିଙ୍ଗା ସହରରେ ପ୍ରବଳ ଭିଡ ଦେଖାଦେଇଥିଲା । ନୂଆଁଖାଇ ପ୍ରତ୍ୟେକ ଘରେ ନୂଆ ଚୁଡା, ପିଠା ପଣା, ଖିରି, ଭାତ, ତରକାରୀ ପ୍ରତ୍ୟେକଙ୍କ ଘରେ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ପରେ ନୂଆ ଅନ୍ନ ଭଷଣ କରିଥାନ୍ତି। ନୂଆଖାଇ ସରିଲା ପରେ ଗ୍ରାମ ଓ ଘରର ମୁଖିଆଙ୍କୁ ମୁଣ୍ଡିଆ ମାରିଥାନ୍ତି । ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ଭଜନ କୀର୍ତ୍ତନ, ଖୋଖୋ, କବାଡି, ଫୁଟବଲ ଆଦି ବିଭିନ୍ନ ଖେଳକୁଦ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ବ୍ଲକ ୨୬ଟି ଗ୍ରାମପଞ୍ଚାୟତ ୧୦୨ଟି ଗ୍ରାମରେ ଶାନ୍ତିପୂର୍ଣ୍ଣ ଭାବରେ ନୂଆଁଖାଇ ସମ୍ପନ୍ନ ହୋଇଛି।




ମୋହନଗିରିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ନୂଆଁଖାଇ ଭାବର ଆଦାନପ୍ରଦାନ କରାଯାଉଛି (ବାମ)। କଲମପୁର ନୂଆଁଖାଇ ପାଇଁ ଘୁମୁରା ନୃତ୍ୟ ପ୍ରଦର୍ଶନ କରାଯାଉଛି।

## ମସିଗାଁରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ

ଜୁନାଗଡ,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ମସିଗାଁରେ ଶୁକ୍ରବାର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମସିଗାଁ ସାରା ଆକାଶ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଭେଟଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତଳମଲା ସରପଞ୍ଚ ଦୁଶିଲା ମାଝି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମର ଗୋନ୍ତିଆ ରାମକୃଷ୍ଣ ନାଏକ, ବରିଷ୍ଠ ଶିକ୍ଷକ ଧନୁର୍ଜୟ ମାଝି, ଗଣ୍ଡା କୃଷ୍ଣଚନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଝିଅମାନଙ୍କ ଦ୍ୱାରା ଡାଲଖାଇ ରସରକେଲି ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସାରା ଆକାଶ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ବୀରବାଦ୍ୟ ଘୁମୁରା ପରିବେଷିତ ହୋଇଥିଲା। ଯାହାକି ବେଶ୍ ଚିତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଗତ ୧୬ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ଏପରି ଭେଟ୍‌ଘାଟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।



ମସିଗାଁ ସାରା ଆକାଶ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ପରିବେଷିତ ଘୁମୁରା ନୃତ୍ୟ।

## ଗୋଲାମୁଣ୍ଡା ରୋଗୀ ବୋହଲା ପରମ୍ପରା

ଭବାନୀପାଟଣା,୧୪।୯(ଡି.ଏନ.ଏ.)

ନୂଆଁଖାଇ ପୂର୍ବରୁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଚଳିତବର୍ଷ ରୋଗୀ ବୋହଲା କାର୍ଯ୍ୟ ସମାପନ ହୋଇଯାଇଛି। ବହୁ ପୁରାତନ କାଳରୁ କଳାହାଣ୍ଡି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଏଭଳି ନିଆରା ପରମ୍ପରା ଚାଲିଆସୁଥିଲେ ମଧ୍ୟ କେତେକ ସ୍ଥାନରେ ତାହା ଲୋପ ପାଇ ବସିଲାଣି। ସାଧାରଣ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଋତୁରେ ବିଭିନ୍ନ ରୋଗରେ ଗ୍ରାମବାସୀ ଆକ୍ରାନ୍ତ ହୁଅନ୍ତି। ଏହି ଋତୁରେ ଜ୍ୱର, ଝାଡ଼ାବାନ୍ତି ଭଳି ବିଭିନ୍ନ ରୋଗ ଯେଭଳି ଗ୍ରାମକୁ ପ୍ରବେଶ କରି ପାରିବ ନାହିଁ ଓ ଲୋକେ କିପରି ସେସବୁରୁ ବଞ୍ଚିତ ରହିବେ ସେ ନେଇ ପୁରାତନ କାଳରୁ ରୋଗୀ ବୋହଲା ପ୍ରଥା ଗ୍ରାମାଞ୍ଚଳରେ ଚଳି ଆସୁଛି। ସେହି ସମୟରୁ ଗ୍ରାମର ଦେବଦେବୀଙ୍କୁ ପୂଜୁଥିବା ଝାଙ୍କରମାନେ ଗ୍ରାମର ଦେବଦେବୀଙ୍କୁ ମାନସିକ କରି ଗ୍ରାମ ପରିକ୍ରମା କରି ପ୍ରତି ଘର ବୁଲି ରୋଗୀ ବୋହଲା କାର୍ଯ୍ୟ କରିଥାନ୍ତି। ଗ୍ରାମବାସୀ ନିଜ ଘରୁ ପୁରୁଣା ବିଭିନ୍ନ ଜିନିଷ ସହ ଗାଈ ବନ୍ଧା ରଶି ଦେଇଥାନ୍ତି। ଯାହାକୁ ନେଇ ଗ୍ରାମର ଝାଙ୍କର ନିଜ ଗ୍ରାମର ଶେଷ ସୀମାନ୍ତ ଶ୍ମଶାନରେ ଫିଙ୍ଗି ଦେଇଥାନ୍ତି। ସେହି ବିଶ୍ୱାସକୁ ନେଇ ଗୋଲାମୁଣ୍ଡାରେ ଥିବା ସମସ୍ତ ପଞ୍ଚାୟତରେ ଥିବା ଗ୍ରାମଗୁଡିକରେ ଏହାକୁ ନିଆରା ପରମ୍ପରା ଭାବେ ପାଳନ କରିଥାନ୍ତି । ଗୋଲାମୁଣ୍ଡାରେ ମାନଝରୀ, ଶୋଶିଆ ସମେତ ବିଭିନ୍ନ ଗ୍ରାମରେ ଝାଙ୍କରମାନେ ବିଧିବଦ୍ଧ ଭାବେ ନିଜ ଗ୍ରାମର ଦେବୀଙ୍କୁ ପୂଜା କରି ଗ୍ରାମର ସମସ୍ତଙ୍କୁ କୁଶଳରେ ରଖିବା ପାଇଁ ପୂର୍ବ ପିଢୀର ନିୟମାନୁସାରେ ଗ୍ରାମ ପରିକ୍ରମା କରି ସମସ୍ତଙ୍କ ଘରୁ ପୁରୁଣା ଆବଶ୍ୟକ ଜିନିଷ ସବୁ ସଂଗ୍ରହ କରି ଭାର ସାହାଯ୍ୟରେ ନେଇ ଶ୍ମଶାନରେ ଫିଙ୍ଗି ଥିଲେ । ପରେ ଗ୍ରାମବାସୀ ଖୁସିରେ ସେମାନଙ୍କୁ ନିଜର କ୍ଷମତା ଅନୁଯାୟୀ ଦକ୍ଷିଣା ଦେଇଥିଲେ।

## ନୂଆଁଖାଇ ପାଇଁ ପୁରପଲ୍ଲୀ ଉତ୍ସବମୁଖର

ଭବାନୀପାଟଣା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାର ସଂସ୍କୃତି ଅନନ୍ୟ। ତାହା ନୂଆଁଖାଇ ଉତ୍ସବରେ ଦେଖିବାକୁ ମିଳେ । ପରମ୍ପରା ଅନୁଯାୟୀ କଳାହାଣ୍ଡିରେ ଭାଦ୍ରବ ଶୁକ୍ଳ ପ୍ରଥମୀଠାରୁ ନୂଆଁଖାଇ ଉତ୍ସବ ଆରମ୍ଭ ହୋଇ ବିଜୟା ଦଶମୀରେ ସମ୍ପନ୍ନ ହୋଇଥାଏ। ମୁଖ୍ୟତଃ ଜିଲାରେ ଋଷିପଞ୍ଚମୀ ଓ ଭାଦ୍ରବ ଶୁକ୍ଳ ଦଶମୀରେ ଏହି ଉତ୍ସବ ବ୍ୟାପକ ଭାବରେ ପାଳିତ ହୋଇଥାଏ। ଶୁକ୍ରବାର ଜିଲାର ଅନେକ ଗ୍ରାମାଞ୍ଚଳରେ ନିଜସ୍ୱ ପରମ୍ପରାରେ ନୂଆଁଖାଇ ପାଳିତ ହେଉଛି। ସ୍ଥାନୀୟ ଗ୍ରାମ ଦେବଦେବୀଙ୍କ ନିକଟରେ ନୂତନ ଶସ୍ୟ ଓ ଅନ୍ନ ବ୍ୟଞ୍ଜନାଦି ଅର୍ପଣ କରାଯିବା ପରେ ଗ୍ରାମବାସୀ ନିଜସ୍ୱ ଗୃହରେ ନୂତନ ଅନ୍ନ ଭକ୍ଷଣ କରିଛନ୍ତି। ନୂଆଁଖାଇ ପାଇଁ ଗ୍ରାମାଞ୍ଚଳ ଉତ୍ସବ ମୁଖରିତ ହୋଇଉଠିଛି। ଏହିଦିନ ଘୁମୁରା ନୃତ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦିବସ। ପରମ୍ପରା ଅନୁଯାୟୀ ଘୁମୁରା ନୃତ୍ୟରେ ବ୍ୟବହୃତ ହେଉଥିବା ଘୁମୁରା, ନିଶାଣ, ତାଳ ଆଦି ବାଦ୍ୟଯନ୍ତ୍ରର ପୂଜା ପରେ ଘୁମୁରା ନୃତ୍ୟ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକନୃତ୍ୟରେ ପରିବେଶ ମୁଖରିତ ହୋଇଛି। ଏହା ଦୁଇଦିନଧରି ଚାଲିବ। ଅନ୍ୟପକ୍ଷରେ କଳାହାଣ୍ଡିର ଇଷ୍ଟଦେବୀ ଭବାନୀପାଟଣାର ମା' ମାଣିକେଶ୍ୱରୀଙ୍କ ପୀଠରେ ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ଦିନ ନବାନ୍ନ ଅର୍ପଣ ପରେ ଭବାନୀପାଟଣା ଓ ଆଖପାଖ ଅଞ୍ଚଳ ସମେତ ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା, ମ.ରାମପୁର ପ୍ରଭୃତି ଅଞ୍ଚଳରେ ନୂଆଁଖାଇ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏବେଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି। ମୋଟାମୋଟି ଭାବେ କଳାହାଣ୍ଡିରେ ଏହି ସାର୍ବଜନୀନ ଉତ୍ସବ ଦୀର୍ଘ ଦିନ ଧରି ଲାଗିରହିବ।

## ସଂକ୍ଷେପରେ

### କୂଅରେ ପଡ଼ି ଶିଶୁ ମୃତ

କୁଆଁରମୁଣ୍ଡା,୧୪।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଭାଲୁଲତା ଗ୍ରାମର ଜନ୍‌ସନ୍ ଡୁଙ୍ଗଡୁଙ୍ଗଙ୍କ ୩ ବର୍ଷର ପୁଅ ଆଲେକ୍ସ ଗୁରୁବାର ସନ୍ଧ୍ୟାରେ କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଏ ନେଇ ରାଏବୋଗା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୮) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୫ରୁ ୭ ଜଣ ପିଲାମାନଙ୍କ ସହ ଆଲେକ୍ସ ନିଜ ଘର ପାଖ ପଡ଼ିଆରେ ଖେଳୁଥିଲେ। ସେତିକିବେଳେ ପାଖରେ ଥିବା ଏକ ଖୋଲା କୂଅରେ ପଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ପାଟି କରି ନିକଟରେ ଥିବା ସରୋଜିନୀ ବିଲୁଙ୍ଗଙ୍କୁ ଜଣାଇବା ପରେ ପରିବାର ଲୋକେ ପହଞ୍ଚି ଆଲେକ୍ସଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜାତୀୟ ବଡି ବିଲ୍ଡିଂ ଚାମ୍ପିୟନଶିପ୍ ଅକ୍ଟୋବର ୨୦ରେ

ରାଉରକେଲା ଅଫିସ,୧୪।୯

ଜାତୀୟ ବଡି ବିଲଡିଂ ସଂଘ ପକ୍ଷରୁ ଓଡ଼ିଶା ଶାଖାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଉପେନ୍ଦ୍ର ସିଂଙ୍କ ନେତୃତ୍ୱରେ ପରିଚାଳିତ ଓଡ଼ିଶା ସଂଗଠନର ପୂର୍ଣ୍ଣାଙ୍ଗ କମିଟି ଗଠନ କରିବା ନେଇ କେନ୍ଦ୍ରୀୟ କମିଟି ତାଙ୍କୁ ପରାମର୍ଶ ଦେଇଛି। ଏଥିସହ ଆସନ୍ତା ଅକ୍ଟୋବର ୨୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିୟନଶିପରେ ଓଡ଼ିଶାର ବଡି ବିଲ୍ଡର ଭାଗ ନେଇପାରିବେ ବୋଲି ସିଂ ସୂଚନା ଦେଇଛନ୍ତି।

### ହର୍ଷ ଉଲ୍ଲାସର ସହ ନୂଆଁଖାଇ ସରିଲା

# ସବୁରି ମନରେ ଖୁସି

ନୂଆପଡା ଅଫିସ,୧୪।୯

ପଶ୍ଚିମ ଓଡିଶାର ମୁଖ୍ୟ ଗଣପର୍ବ ନୂଆଁଖାଇ ଶୁକ୍ରବାର ତିଥିମୁତାବକ ମା' ସମଲେଇଙ୍କୁ ନୂଆଁଅନ୍ନ ଭୋଗ ପରେ ସମ୍ପନ୍ନ ହୋଇଛି । ନୂଆପଡା ଜିଲାର ୫ଟି ବ୍ଲକରେ ମୋଟ ୬ଲକ୍ଷ ଲୋକ ଗୋଟିଏ ସମୟରେ ଅନ୍ନ ଗ୍ରହଣ କରିଛନ୍ତି । ଜିଲାରେ ଖୁସିର ଲହରୀ ଖେଳିଯାଇଥିବାବେଳେ ସବୁଆଡେ ଭୋଜିଭାତର ଆସର ଜମିଥିଲା । ଶୁକ୍ରବାର ସକାଳ ସମସ୍ତଙ୍କ ପାଇଁ ଏକ ନୂଆଁ ସକାଳ ଥିଲା । ପଲ୍ଲୀଠାରୁ ସହର ଯାଏଁ ସବୁଠାରେ ଲୋକେ ଭୋରରୁ ଉଠିଥିଲେ । ମା'ମାନେ ସକାଳୁ ଲକ୍ଷ୍ମୀ ବନ୍ଦନା କରି ପୂଜାପାଠ ଆରମ୍ଭ କରିଥିଲେ । ସମସ୍ତଙ୍କ ଘରେ ଗାଧୁଆ ସଅଳ ସରିଯାଇଥିଲା । ପିଲାଠୁ ବୁଢା ସମସ୍ତେ ନୂଆଁ ନୂଆଁ ଜାମା ପିନ୍ଧିଥିଲେ । ହିନ୍ଦୁ ପଞ୍ଜିକାନୁଯାୟୀ ପୂର୍ବାହ୍ନ ୧୦ଟା ୩୦ମିନିଟରୁ ୧୨ଟା ୧୦ମିନିଟ ମଧ୍ୟରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଥିଲା । ସେହି ଅନୁଯାୟୀ ପ୍ରତିପରିବାରରେ ମା' ସମଲେଇ ଏବଂ ନିଜ ନିଜର ଇଷ୍ଟଦେବୀଙ୍କୁ ପୂଜାପାଠ କରି ନୂଆଁ ଅନ୍ନ ଲାଗି କରିଥିଲେ । ପରେ ପରିବାର ଲୋକ ଏକାଠି ବସି ନୂଆଁ ଫସଲର ଅନ୍ନ ଭୋଜନ କରି ପିଠା, କ୍ଷୀରି ଖାଇଥିଲେ । ଘର ପ୍ରତିପରିବାରରେ ବଡମାନଙ୍କୁ ଜୁହାର ଭେଟ ହୋଇଥିଲେ । ବଡମାନେ ନୂଆବର୍ଷ ପାଇଁ ଶୁଭକାମନା କରିଥିଲେ । ସନ୍ଧ୍ୟାରେ ଗାଁ ପିଣ୍ଡା ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା । ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସମସ୍ତେ ଯୋଗଦେଇ ମଜା ନେଇଥିଲେ । ପୁରପଲ୍ଲୀରେ ଗୋଟିଏ କଥା ନୂଆଁଖାଇ ଜୁହାର ....ନୂଆଁଖାଇ .....ଜୁହାର.... ।


ନୂଆପଡାର ଏକ ପରିବାର ସଦସ୍ୟମାନେ ନୂଆଁ ଖାଉଛନ୍ତି ।

**ନୂଆପଡ଼ା ଜିଲା**
- ଜିଲାର ୬ ଲକ୍ଷ ଲୋକ ନୂଆଁ ଅନ୍ନ ଖାଇଲେ
- ଚାଷୀ ମନରେ ବି ଖୁସି ରହିଛି
- ଜମିଲା ଭୋଜିଭାତର ଆସର

**ସେମାନେ ଯାହା କହନ୍ତି....**


"ଏଥର ନୂଆଁଖାଇ ଭଲ ଥିଲା । ଚାଷ ଠିକ ଥିଲେ ଆମେ ଠିକ । ବର୍ଷା ଠିକ ଭାବେ ହୋଇଥିବାରୁ ଚାଷୀ ମୁହଁରେ ହସ ଫୁଟିଛି । ଆଗକୁ କ'ଣ ହେବ ସେଥିପାଇଁ ପ୍ରାର୍ଥନା କରୁଛୁ ।
- **ତ୍ରିଲୋଚନ କଣ୍ଟା**, ଚାଷୀ ନେତା


"ନୂଆଁ ଅନ୍ନ ଟିକକ ପାଇଁ ବହୁ ଦୂରରୁ ଗାଁକୁ ଆସିଛୁ । ଗାଁରେ ପୁରୁଣା ସାଙ୍ଗସାଥୀଙ୍କ ମେଳରେ ଟିକିଏ ଖୁସି ଗପ କରିବାକୁ ଏହା ଏକ ସୁଯୋଗ ଆଣିଦେଇଥାଏ ।
-**ଗାର୍ଗି ଦେବଜାନୀ**, ଛାତ୍ରୀ


"ପଶ୍ଚିମ ଓଡିଶାର ଏହା ଏକ ପ୍ରମୁଖ ପର୍ବ । ଏହା ଏଠିକାର ସଂସ୍କୃତିର ଏକ ବାର୍ତ୍ତା ବହ । ଏହା କେବଳ ଏକ ପର୍ବ ନୁହେଁ ବରଂ ଏକ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସମସ୍ତଙ୍କ ମଧ୍ୟରେ ଭାଇଚାରା ଆଣିଦେଇଥାଏ ।
- **ପ୍ରବୋଧ ହୋତା**, ଗବେଷକ


"ଏହି ଦିନଟିକୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱତନ୍ତ୍ର ମାନ୍ୟତା ଦିଆଗଲେ ନୂଆଁଖାଇର ପରମ୍ପରା ଦୃଢ ହୋଇପାରନ୍ତା ।
- **ସୁରଜିତ ସିଂ ମହାରଥା**, କୋଷଲୀ ନେତା ।


"ଏହା ଏକ ଗଣପର୍ବ ବୋଲି ସରକାର ସବୁ ସ୍ତରରେ ଚିନ୍ତା କରିବା ଦରକାର । ଏଥିସକାଶେ ସରକାର ଧ୍ୟାନ ଦେବା ଆବଶ୍ୟକ ।
-**ଗୋବର୍ଦ୍ଧନ ନାଏକ**, ସାମାଜିକ କର୍ମୀ

### ଧରା ଦେଉନାହାନ୍ତି ଇଟାଭାଟି ମାଲିକ

ରାଉରକେଲା ଅଫିସ,୧୪।୯

ବାସନ୍ତୀ କଲୋନୀର ଜଣେ ଇଟାଭାଟି ମାଲିକଙ୍କ ମିଛ ପ୍ରତିଶ୍ରୁତିରେ ପଡ଼ି ଝାଡ଼ଖଣ୍ଡରୁ ଆସି ଦର୍ଜି ଅଞ୍ଚଳରେ ଇଟା ଗଢୁଥିବା ଶ୍ରମିକ ଏବେ ପାଉଣା ନ ପାଇ ବାରଦୁଆର ହେଉଛନ୍ତି। ଘଟଣା ନେଇ ଏମାନେ ପୂର୍ବରୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ନ୍ୟାୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ୨ ମାସ ପୂର୍ବେ ଶ୍ରମିକମାନେ ଖାଇବାକୁ ନ ପାଇ ଝାଡ଼ଖଣ୍ଡ ଫେରି ଯାଇଥିଲେ। ପୁନର୍ବାର ୩ଲକ୍ଷ ଟଙ୍କା ବକେୟା ପାଇବା ଆଶାରେ ଶୁକ୍ରବାର ଉଦିତନଗର ଥାନାରେ ପହଞ୍ଚି ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ନାଁରେ ଅଭିଯୋଗ କରିଛନ୍ତି। ତେବେ ଘଟଣାଟି ଦର୍ଜି ଅଞ୍ଚଳର ହୋଇଥିବାରୁ ସମ୍ପୃକ୍ତ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ ଥାନାଧିକାରୀ। ଯୁବ ଶ୍ରମିକ ନେତା ତଥା ବିଧାୟକ ଦିଲୀପ ରାୟଙ୍କ ଶ୍ରମ ଦପ୍ତର ପ୍ରତିନିଧି ରମେଶ ସାହୁଙ୍କ ତତ୍ତ୍ୱାବଧାନରେ ଆସିଥିବା ଅଭିଯୋଗକାରୀ ଝାଡ଼ଖଣ୍ଡ ଫେରିଯାଇଥିବା ଜଣାଯାଇଛି। ଏନେଇ ସାହୁଙ୍କୁ ପଚାରାଯିବାରୁ ସେ କହିଲେ, ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଧରାଛୁଆଁ ଦେଉନହାନ୍ତି। ଫଳରେ ନିଜ ବକେୟା ପାଇବାକୁ ଝାଡ଼ଖଣ୍ଡରୁ ଏହି ଶ୍ରମିକମାନେ ବାରମ୍ବାର ରାଉରକେଲା ଧାଉଁଛନ୍ତି। ଏନେଇ ଶ୍ରମିକ ସଂଗଠନ ପକ୍ଷରୁ ଠିକାଦାରଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି।

## ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଅକ୍ଟୋବର ୧୭ରେ

ଭବାନୀପାଟଣା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଆସନ୍ତା ତା ୧୭।୧୦।୨୦୧୮ ବୁଧବାର ପ୍ରତ୍ୟୁଷରେ ଅନୁଷ୍ଠିତ ହେବ। ଲକ୍ଷାଧିକ ଭକ୍ତଙ୍କ ସମାବେଶ ସହ ହଜାର ହଜାର ପଶୁପକ୍ଷୀଙ୍କୁ ମା'ଙ୍କୁ ପ୍ରସାଦ ରୂପେ ଅର୍ପଣ କରାଯାଇଥିବା ଏହି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ କରିବା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଗାଭିଲ ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଛତର ଯାତ୍ରା ଦେଖିବା ପାଇଁ କଳାହାଣ୍ଡି ଜିଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭବାନୀପାଟଣା ସହରର ସମସ୍ତ ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ ସେବା, ଅନବରତ ବିଦ୍ୟୁତ୍ ଯୋଗାଣ ସହିତ ସହରର ବିଭିନ୍ନ ଦୁର୍ଗା ପୂଜା ମଣ୍ଡପ ଓ ଛତର ଯାତ୍ରାର ପୂର୍ବଦିନ ଯଥା ୧୬ ତାରିଖ ମଙ୍ଗଳବାର ଭବାନୀପାଟଣା ସହରରେ କଡାକଡି ଭାବେ ରକ୍ଷା କରିବା ସହିତ ଟ୍ରାଫିକ୍ ବ୍ୟବସ୍ଥାର ନିୟନ୍ତ୍ରଣ କରିବା ଉପରେ ଆଲୋଚନା କରାଯାଇଛି । ଏଥିସହ ଏସବୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା । ସୁପ୍ରିମକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ମା'ଙ୍କ ନିକଟରେ ପାରମ୍ପାରିକ ନୀତିରେ ଚାଲି ଆସିଥିବା ପଶୁବଳିକୁ ବନ୍ଦ କରିବା ପାଇଁ ଜନସଚେତନତା ସୃଷ୍ଟି କରିବା ଉପରେ ମଧ ଆଲୋଚନା କରାଯାଇଥିଲା । ବୈଠକରେ ଜିଲାପାଳ ହର୍ଷଦଙ୍କ ସମେତ ଉପଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ଏସ୍‌ପି ଗୋପୀନାଥ ମଣିପାତ୍ର, ଟାଉନ ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନଙ୍କ ସମେତ ସହରର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ବିଭିନ୍ନ ଦୁର୍ଗାପୂଜା କମିଟି କର୍ମକର୍ତ୍ତା, ସ୍ୱଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ସହରର ବହୁ ବରିଷ୍ଠ ନାଗରୀକ ପ୍ରମୁଖ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ବଢୁଛି ମଧୁମେହ ରୋଗୀ ସଂଖ୍ୟା

ରାଉରକେଲା ଅଫିସ,୧୪।୯

ମଧୁମେହ ରୋଗୀ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏନେଇ ଶୁକ୍ରବାର ସକାଳେ ଏକ ସଚେତନତା କାର୍ଯ୍ୟକ୍ରମ ରେଲୱେ କଲୋନୀ ଅଞ୍ଚଳରେ ଅନୁଷ୍ଠିତ ହୋଇଛି। ରାଉରକେଲା ଡାଇବେଟିସ ଫୋରମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ଏସ୍.କେ. ବଂଶଲ, ସମ୍ପାଦକ ଡ. ପି.କେ. ଦାସ ଯୋଗଦେଇଥିଲେ। ମଧୁମେହ ରୋଗ ନିୟନ୍ତ୍ରଣ ପ୍ରତି ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ। ପ୍ରତ୍ୟେକ ଦିନ ଚାଲିବା ଅଭ୍ୟାସ କିପରି ଜଣେ ମଧୁମେହ ରୋଗୀଙ୍କୁ ସୁସ୍ଥ ରଖିଥାଏ ସେ ନେଇ ଆଲୋଚନା କରିଥିଲେ ଦୁଇ ଡାକ୍ତର। ସହରର ଭିନ୍ନ ଭିନ୍ନ ସ୍ଥାନରେ ଏନେଇ ନିୟମିତ ସଚେତନତା ସୃଷ୍ଟି ଉପରେ ସଂଗଠନ ଗୁରୁତ୍ୱ ପ୍ରଦାନ କରୁଛି। ଏଣୁ ମଧୁମେହ ରୋଗୀ ଏଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ପରେ ସ୍ଥାନୀୟ ଇଲେକ୍ଟ୍ରିକାଲ ସିଷ୍ଟମ ଟ୍ରେନିଂ ସେଣ୍ଟରଠାରେ ଆୟୋଜିତ ସଭାରେ ଡ. ସୁଧୀର ସାମଲ, ଡ. ଅନୀଲ ଦତ୍ତଙ୍କ ସମେତ ଅନ୍ୟ ଡାକ୍ତର ଯୋଗଦେଇ ମଧୁମେହ ରୋଗ ଓ ଏହାର ପ୍ରତିରୋଧ ତଥା ସତର୍କତା ନେଇ ଆଲୋଚନ କରିଥିଲେ।

## ଓମ୍‌ସା କଳାହାଣ୍ଡି ଜିଲା ଶାଖା ଅଧିବେଶନ



ଓମ୍‌ସାର କଳାହାଣ୍ଡି ଜିଲା ଶାଖା ଅଧିବେଶନରେ ସୂଚନା ଦିଆଯାଉଛି।

ଭବାନୀପାଟଣା,୧୪।୯(ଡି.ଏନ.ଏ.)

ଓମ୍‌ସା କଳାହାଣ୍ଡି ଜିଲା ଶାଖା ଅଧିବେଶନ ଭବାନୀପାଟଣାସ୍ଥିତ ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଓମ୍‌ସାର କଳାହାଣ୍ଡି ଜିଲା ଶାଖା ଅଧିବେଶନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଓମ୍‌ସା କଳାହାଣ୍ଡି ଜିଲା ସଭାପତି ଡାକ୍ତର ସରୋଜ କୁମାର ତିଆଡିଙ୍କ ସଭାପତିତ୍ୱରେ ଏହି ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟରେ ଡାକ୍ତରମାନଙ୍କ ନିଯୁକ୍ତି ଓ ପଦୋନ୍ନତିକୁ ନେଇ ନୂତନ କ୍ୟାଡର ରୁଲ୍ ୨୦୧୮କୁ ଡାକ୍ତର ସଂଘ ବିରୋଧ କରୁଥିବା ଏବଂ ତୁରନ୍ତ ରାଜ୍ୟ ସରକାର ଏହି ନିୟମକୁ ପ୍ରତ୍ୟାହାର କରି ନିଅନ୍ତୁ ବୋଲି ଓଡିଶା ମେଡିକାଲ ସର୍ବିସେସ ଆସୋସିଏଶନ୍ (ଓମ୍‌ସା) କଳାହାଣ୍ଡି ଜିଲା ଶାଖା ଅଧିବେଶନରେ ଦାବି କରାଯାଇଛି। ଓମ୍‌ସାର ଅନ୍ୟତମ ଦାବିଗୁଡିକ ହେଲା ଡାଇନାମିକ୍ ଏସ୍ୟୁରଡ୍ କ୍ୟାରିୟର ପ୍ରୋଗ୍ରେସନ୍ (ଡିଏସିପି)କୁ ୨୦୦୬ର କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସେବା ନିୟମ ଅନୁଯାଇ ଲାଗୁ କରିବା, ଆଡ୍‌ହକ୍ ଓ ଠିକାଡାକ୍ତରଙ୍କ ନିଯୁକ୍ତିକୁ ନିୟମିତ କରିବା, ରାଜ୍ୟ ଡାକ୍ତରମାନଙ୍କ ବୟସ ସୀମା ୬୨ ବର୍ଷ ମଧ୍ୟରେ ସୀମିତ ରଖିବା, ଡାକ୍ତରମାନଙ୍କ ଜବ୍‌ଚାର୍ଟ, କାର୍ଯ୍ୟ ସମୟ ଓ ଛୁଟି ଆଦି ଧାର୍ଯ୍ୟ କରିବା, ସ୍ୱଚ୍ଛ ବଦଳି ନୀତି ନିର୍ଦ୍ଧାରଣ କରିବା ଏବଂ ପ୍ରଶାସନିକ ଓ ବିଶେଷଜ୍ଞ ଭତ୍ତା ମୂଳବେତନର ୩୦% ଧାର୍ଯ୍ୟ କରିବା ଆଦି ମୁଖ୍ୟ ବୋଲି ଅଧିବେଶନରେ ମତପ୍ରକାଶ ପାଇଥିଲା। ତୁରନ୍ତ ସରକାର ଦାବିଗୁଡିକୁ ଗୁରୁତ୍ୱର ସହ ବିଚାର ପୂର୍ବକ ମଞ୍ଜୁର କରିବାକୁ ଦୃଢ ଦାବି କରାଯାଇଥିଲା। ଓମ୍‌ସାର ପ୍ରମୁଖ ଦାବି ଡି.ଏ.ସି.ପି. ଓ ଅନ୍ୟାନ୍ୟ ଦାବିଗୁଡିକୁ ତୁରନ୍ତ ରାଜ୍ୟ ସରକାର ଯଦି ପୂରଣ ନ କରନ୍ତି ତେବେ ଓମ୍‌ସାର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ ପାଇଁ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଦକ୍ଷିଣାଞ୍ଚଳ ରାଜ୍ୟ ଉପସଭାପତି ଡାକ୍ତର ପବିତ୍ର ମୋହନ ମଲ୍ଲିକ ପ୍ରକାଶ କରିଥିଲେ। ଏହି ଅଧିବେଶନରେ ଚିକିତ୍ସା ଅଧିକାରୀ ଡଃ. ତିଆଡିଙ୍କ ସହ ଓମ୍‌ସା ଦକ୍ଷିଣାଞ୍ଚଳ ରାଜ୍ୟ ଉପସଭାପତି ଡାକ୍ତର ମଲ୍ଲିକ, ଭାରପ୍ରାପ୍ତ ଜିଲା ଭେଷଜ ଅଧିକାରୀ ଡାକ୍ତର ଦେବାନନ୍ଦ ଭୋଇ, ଜିଲା ଶାଖା ସମ୍ପାଦକ ଡଃ. ସିଦ୍ଧେଶ୍ୱର ମାରାଣ୍ଡି ଏବଂ ଜିଲାର ଅନ୍ୟ ଡାକ୍ତରମାନେ ଯୋଗଦେଇଥିଲେ।

## କ୍ୟାନସର ରୋଗୀଙ୍କୁ ସହାୟତା

ରାଉରକେଲା ଅଫିସ,୧୪।୯

ସ୍ୱେଚ୍ଛାସେବୀ ସଂଗଠନ ଗୁଣ୍ଡୁଚି ପକ୍ଷରୁ ଶୁକ୍ରବାର ଫର୍ଟିଲାଇଜର ଟାଉନଶିପ୍ ଅଞ୍ଚଳର ରଜନୀ ଜେନା ନାମକ ଜଣେ କ୍ୟାନସର ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ବେଳେ ରଜନୀ ଗୁଣ୍ଡୁଚି ଅନୁଷ୍ଠାନକୁ ସହାୟତା ପାଇଁ ନିବେଦନ କରିଥିଲେ। ଏହି ଅର୍ଥ ଶୁକ୍ରବାର ତାଙ୍କ ଶାଶୁ ଶାନ୍ତି ସାମଲଙ୍କୁ ଦିଆଯାଇଛି। ଆଗାମୀ ଦିନରେ ଗୁଣ୍ଡିଚି ଅନୁଷ୍ଠାନକୁ ଅଧିକ ସମୃଦ୍ଧ କରାଯାଇ ସହରର ଅସହାୟ ଦୁଃସ୍ଥ ଗରିବଙ୍କୁ ସହାୟତା କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନ ପକ୍ଷରୁ ସଭାପତି ପ୍ରଫେସର ଜେ.କେ. ରାଓ, ସାଧାରଣ ସମ୍ପାଦକ ଭଗବାନ ରାଉତ, ସତ୍ୟଜିତ ସୂତାର, ରାଜୀବଲୋଚନ ବେହେରା, ଅମୀୟ ଶତପଥୀ, କୈଳାସ ପାତ୍ର, ପ୍ରେମାନନ୍ଦ ବହିଦାର, ପୂର୍ଣ୍ଣଚନ୍ଦ୍ର ପଲାଇ, ସରୋଜ ପାତ୍ର ଓ ଭାଗୀରଥି ବେହେରା ପ୍ରମୁଖ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କାଣ୍ଟେତରା ମୁଖ୍ୟ ଛକରେ ଟ୍ରାଫିକ ସମସ୍ୟା

ନୂଆପଡା ଅଫିସ,୧୪।୯

ନୂଆପଡା ଜିଲା କୋମନା ବ୍ଲକର କାଣ୍ଟେତରା ଜିଲାର ସବୁଠାରୁ ବେଶୀ ଜନସଂଖ୍ୟା ବିଶିଷ୍ଟ ଗାଁ । ଏଠାରେ ଦିନକୁ ଦିନ ବଜାର ବ୍ୟବସ୍ଥା ବଢିଚାଲିଥିବାବେଳେ ଗାଁର ମୁଖ୍ୟ ଛକ ଜାଗାରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇଛି । ଫଳରେ ସାଧାରଣ ଲୋକଙ୍କୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ଛକ ଜାଗାରେ ମଦ୍ୟପଙ୍କ ଉପଦ୍ରବ ମଧ୍ୟ ସାଧାରଣରେ ଅଶାନ୍ତି ସୃଷ୍ଟି କରୁଛି ।

ନୂଆପଡା ଜିଲା ଉଦ୍ୟାନବନ୍ଧ–ବଲାଙ୍ଗୀର ଜିଲା ହରିଶଙ୍କର ରାସ୍ତାରେ ରାଜ୍ୟ ରାଜପଥରେ ପଡେ କାଣ୍ଟେତରା ବସ୍ତି । ଏଠାରେ ମୋଟ ୧୧ଟି ୱାର୍ଡରେ ୫ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଥିବାବେଳେ ଏଠାରେ ସବୁ ସମ୍ପ୍ରଦାୟର ଲୋକ ବାସ କରନ୍ତି । ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଏଠାରେ ଦୋକାନ ବଜାର ମଧ୍ୟ ବଢିଚାଲିଛି । ଏଠିକାର ବଜାର ଉପରେ ଅଞ୍ଚଳର ୮/୧୦ଖଣ୍ଡ ଗାଁର ଲୋକ ଭରସା କରି ଚଳିଥାନ୍ତି । ମୁଖ୍ୟ ଛକର ଦୋକାନ ସବୁ ଧୀରେ ଧୀରେ ରାସ୍ତାକୁ ଜବରଦଖଲ କରି ରାସ୍ତାରେ ଜିନିଷପତ୍ର ରଖୁଛନ୍ତି । ଅନ୍ୟପଟେ ଲୋକେ ଅବାଧରେ ରାସ୍ତାରେ ଗାଡି ମୋଟର ରଖି ବଜାର କରୁଥିବା ଦେଖାଯାଉଛି । ଫଳରେ ପ୍ରତିଦିନ ଦୁର୍ଘଟଣାର ସମ୍ଭାବନା ବୃଦ୍ଧିପାଉଛି । ଏଠାରେ ସକାଳେ ସନ୍ଧ୍ୟାରେ ମଦ୍ୟପମାନଙ୍କ ଉପଦ୍ରବ ବଢିଚାଲିଥିବାରୁ ଏହା ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କୁ ପ୍ରଭାବିତ କରୁଛି । ଏଠାରୁ କୋମନା ଥାନା ୧୫ କି.ମି. ହୋଇଥିବାବେଳେ ଏହି ଅଞ୍ଚଳରେ ପୋଲିସର ପାଟ୍ରୋଲିଂ ସେତେଟା ହେଉ ନ ଥିବାରୁ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଭୟ ରହୁନାହିଁ । ଏହା ଉପରେ ପୋଲିସ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



କାଣ୍ଟେତରାର ଗହଳିପୂର୍ଣ୍ଣ ମୁଖ୍ୟ ଛକ ।

## ବିପଦସଙ୍କୁଳ ଅବସ୍ଥାରେ ସାପ୍ତାହିକ ହାଟ ଗୃହ

ରିଷିଡା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ସାପ୍ତାହିକ ଶନିବାର ହାଟ ଜିଲାର ଏକ ପ୍ରସିଦ୍ଧ ହାଟ। କଳାହାଣ୍ଡି–ବଲାଙ୍ଗୀର–ବୌଦ୍ଧ–କନ୍ଧମାଳ ଜିଲାର ସୀମାନ୍ତରେ ଥିବା ଏକ ପ୍ରମୁଖ ଗୋରୁ ହାଟ । ପ୍ରାୟ ୧୫୦ ମିଟର ଲମ୍ବ ଓ ୬୦ ମିଟର ଓସାର ର ଏହି ସାପ୍ତାହିକ ହାଟ ଜିଲାର କେସିଙ୍ଗା ନିୟନ୍ତ୍ରୀତ ବଜାର କମିଟି ଅଧୀନରେ ରହିଛି । ଏହି ହାଟ ଉପରେ ୪ଟି ଜିଲାର ପ୍ରାୟ ୫୦ ହଜାର ଜନସାଧାରଣ ନିର୍ଭର କରିଥାନ୍ତି । ଏହି ହାଟରେ ୨ଟି ବୃହତ ଗୋଦାମ ଗୃହ ରହିଥିବା ବେଳେ ଦୋକାନୀମାନେ ବସିବା ପାଇଁ ୩ଟି ପିଣ୍ଡି ରହିଛି । ଏହି ୨ଟି ପିଣ୍ଡି ମଧ୍ୟରୁ ଗୋଟିଏ ଦୟନୀୟ ଅବସ୍ଥାରେ ରହିଛି । ବର୍ଷାହେଲେ ପାଣି ଗଳୁଥିବାରୁ ଦୋକାନୀମାନେ ହଇରାଣ ହେଉଛନ୍ତି । ପିଣ୍ଡିର ଛାତ ଅବସ୍ଥା ନ କହିଲେ ଭଲ । କେତେ ବେଳେ କାହା ଉପରେ ପଡିବ କହି ହେବ ନାହିଁ । ଅନ୍ୟପକ୍ଷରେ ପୁରୁଣା ଯାତ୍ରୀ ବିଶ୍ରାମ ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଛି । ଗୋଟିଏ ଗୃହର କାନ୍ଥ ବର୍ଷାରେ ଭାଙ୍ଗି ଯାଇଛି । ଏହି ଭଳି ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠାଗୁଡିକୁ ପୂର୍ବରୁ ଭାଙ୍ଗିଦେବା ପାଇଁ ଲଛମନ ଭୋଇ ନାମକ ଜଣେ ସାମାଜିକ କର୍ମୀ ପୂର୍ବରୁ ଜଣାଇଥିଲେ ମଧ୍ୟ ନିୟନ୍ତ୍ରୀତ ବଜାର କମିଟି ତରଫରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ । ଫଳରେ ଏହି ଭଗ୍ନ କୋଠାଗୁଡିକ କେତେବେଳେ କାହା ଉପରେ ଗଳି ପଡି ଜନଜୀବନ କ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ପାଣି ଗଳୁଥିବା ପିଣ୍ଡି ଉପରେ ନ ବସିବା ପାଇଁ କୌଣସି ସତର୍କତା ପଦକ୍ଷେପ ବି ନିଆଯାଇ ନାହିଁ । ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।


ବର୍ଷାରେ ବଜାର ଗୃହର କାନ୍ଥ ଭାଙ୍ଗି ପଡ଼ିଛି।

**ସେମାନେ ଯାହା କହନ୍ତି....**

"ପ୍ରସିଦ୍ଧ ରିଷିଡ଼ା ହାଟର ପୁନରୁଦ୍ଧାର କରିବାର ଆବଶ୍ୟକ ରହିଛି । ମରାମତି ଓ ରକ୍ଷଣାବେକ୍ଷଣର ଯଥେଷ୍ଟ ଆବଶ୍ୟକ । ପାଣି ଗଳୁଥିବା ପିଣ୍ଡିରେ ବସିବା ଉଚିତ ନୁହଁ ।
**ସୁଶାନ୍ତ କୁମାର ପାତ୍ର**, ଶିକ୍ଷିତ ଯୁବକ ।

"ହାଟରେ ଯେମିତି କର ଆଦାୟ କରାଯାଉଛି ଠିକ ସେହିଭଳି ମରାମତି ପ୍ରତି ଯଥେଷ୍ଟ ଧ୍ୟାନ ଦିଆ ଗଲେ ରିଷିଡ଼ା ହାଟକୁ ଅଧିକ ବେପାରି ଆସି ପାରିବେ । ହାଟର ପୁନରୁଦ୍ଧାର କରିବାର ସମୟ ଆସିଛି ।
ହେମନ୍ତ ପୁଟେଲ, ରିଷିଡ଼ା